ବର୍ଷ-୨୫, ସଂଖ୍ୟା-୨୨୯
ଭୁବନେଶ୍ୱର
୨୬, ଅଗଷ୍ଟ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 229
Bhubaneswar
26, August, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମା' ହେବେ
ପରିଣିତି ଚୋପ୍ରା

### କ୍ୟାବିନେଟ୍‌ରେ ୪ଟି ପ୍ରସ୍ତାବ ପାରିତ

# ଇଲେକ୍ଟ୍ରୋନିକ୍, ଆଇଟି ପଲିସିକୁ ଅନୁମୋଦନ

**ଭୁବନେଶ୍ୱର,୨୫।୮(ମହାଭାରତ):** ରାଜ୍ୟ କ୍ୟାବିନେଟର ୨୪ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେ ମୋଟ ୩ ଟି ବିଭାଗର ୪ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଗୋଟିଏ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ୨ ଟି ପ୍ରସ୍ତାବ ଆଲୋଚନା ପୂର୍ବକ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଥିଲା। ୪ର୍ଥ ପ୍ରସ୍ତାବଟି ଆଗାମୀ ସେପ୍ଟେମ୍ବର ୧୮ ତାରିଖରୁ ୧୭ ତମ ବିଧାନସଭାର ୪ର୍ଥ ଅଧିବେଶନ ଆରମ୍ଭ ହେବାକୁ ଥିବା ସମ୍ପର୍କିତ ପ୍ରସ୍ତାବ ଥିଲା।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟା ସରକାର ଓଡ଼ିଶା ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ନୀତି-୨୦୨୫ ଆରମ୍ଭ କରିଛନ୍ତି। ଏହି ରଣନୈତିକ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା, ଉଚ୍ଚ- କୁଶଳୀ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବ। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ସହ ଏହି ନୀତି ପ୍ରୋତ୍ସାହନ ଉପରେ ଏକ



ବଳିଷ୍ଠ ଢାଂଚା ପ୍ରବର୍ତ୍ତନ କରିଛି । ନିବେଶକମାନେ ପ୍ରଥମ ପାଞ୍ଚଟି ମେଗା ପ୍ରକଳ୍ପ ପାଇଁ ୫୦% ପୁଞ୍ଜି ସବସିଡ଼ି କିମ୍ବା ଟର୍ଣ୍ଣଓଭର-ଲିଙ୍କ୍ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡ଼ି ଦ୍ୱାରା ପରିପୂରକ ସମତୁଲ ସବସିଡ଼ି ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଏହି ଯୋଜନା ଜମି ଆବଂଟନ, ଭଡ଼ା ସହାୟତା, ବିଦ୍ୟୁତ୍ ଶୁଳ୍କରେ ଦଶ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପଲବ୍ଧ । ସେମାନଙ୍କୁ କଷ୍ଟୋମାଇଜ୍ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି । ''ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ ଏହି ବିସ୍ତୃତ ନୀତି ଓଡ଼ିଶାକୁ ଏକ ଆତ୍ମନିର୍ଭରଶୀଳ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ଗଠନ ଦିଗରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ ।

ସେହିପରି ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରୀମଣ୍ଡଳ ଆଜି ଓଡ଼ିଶା ଆଇଟି ନୀତି ୨୦୨୫କୁ ଅନୁମୋଦନ କରିଛି । ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ । କୃତ୍ରିମ ବୁଦ୍ଧିମତା, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜବୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖୁଛି । ଏହା ଉଦ୍ଭାବନ, ଉଦ୍ୟୋଗୀତା ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରୁଥିବା ଏକ ଦୃଢ଼ ଡିଜିଟାଲ୍ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଓଡ଼ିଶା ଆଇଟ ନୀତି ୨୦୨୫ ପଲିସି ପିରିୟଡ ମଧ୍ୟରେ ଆଇ.ଟିଆଇ.ଟି.ଇ.ଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି । ଏହା ଆଇଟି ପାର୍କ, ଆଇଟି ଟାୱାର ଏବଂ ଏସ.ଇ.ଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ର ସମନ୍ୱୟ ଏବଂ ଏକାଡେମିଆ ଏବଂ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଏ । ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜିମୋବାଇଲ୍ ଟେକ୍, ଆଇଓଟି, ଏଆର/ଭିଆର, କ୍ଲାଉଡ୍ କମ୍ପୁଟିଙ୍ଗ୍, ଡିପ୍‌ଲର୍ଣ୍ଣିଙ୍ଗ୍, ବ୍ଲକଚେନ୍, ଏ.ଆଇ ଏବଂ ଏମ.ଏଲ୍‌ପରିଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିଥାଏ ।

ସେହିପରି ଏହି ବୈଠକରେ ୧୭ତମ ବିଧାନସଭାର ଚତୁର୍ଥ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୧୮ରୁ ଆରମ୍ଭ ପାଇଁ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ଲୋକସେବା ଆୟୋଗରେ ୩ଜଣଙ୍କ ନିଯୁକ୍ତିକୁ ମଧ୍ୟ ପିଛିଲା ଭାବେ ଅନୁମୋଦନ ମିଳିଛି। ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଏବଂ ମନୋଜ କୁମାର ମହାନ୍ତିଙ୍କୁ ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦବୀରେ ନିଯୁକ୍ତି ଦେବା ସମ୍ପର୍କରେ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି।ଉଦୟ ନାରାୟଣ ଦାସ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶକ ରହିଥିଲେ। ସେହିପରି ମିହିର ପ୍ରଶାଦ ମିଶ୍ର ପୁରୀ ଏସ.ସି.ଏସ (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷ ଅଛନ୍ତି ଏବଂ ମନୋଜ କୁମାର ମହାନ୍ତି, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ଅଛନ୍ତି। ରାଜ୍ୟ କ୍ୟାବିନେଟ ଆଜିର ବୈଠକରେ ଲୋକସେବା ଆୟୋଗରେ ଉପରୋକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି ।

## ଜଳି ଯାଇ ଦମ୍ପତି ମୃତ

**ଖଡ଼ିଆଳ,୨୫।୮(ମହାଭାରତ):** ଖଡିଆଳ ଉପଖଣ୍ଡ ତୁକୁଲା ଗ୍ରାମରେ ଏକ ବଡ଼ ଅଘଟଣ ଘଟି ସ୍ୱାମୀ-ସ୍ତ୍ରୀ ଦୁଇ ଜଣ ଜଳି ମୃତ୍ୟୁବରଣ କରିଛନ୍ତି। ଉଭୟଙ୍କ ଦେହ ୫୦ରୁ ୬୦ ଭାଗ ପର୍ଯ୍ୟନ୍ତ ପୋଡି ଯାଇଥିଲା। ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ସେମାନଙ୍କ ଦେହରେ କେମିତି ନିଆଁ ଲାଗିଲା କିମ୍ବା କୌଣସି ଘରୋଇ କଳିରୁ ଦୁଇ ଜଣ ନିଜକୁ ଜାଳି ଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ଘରେ ନିଆଁ ଲାଗିଥିବା ଯୋଗୁଁ ଦୁଇ ଦମ୍ପତି ପୋଡି ଯାଇଥିବାକଥା କୁହାଯାଉଥିଲେ ମଧ ଘଟଣା ସମ୍ପର୍କରେ କୌଣସି ସଠିକ୍ ଖବର ମିଳି ନାହିଁ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଖଡିଆଳ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ଦମ୍ପତିଙ୍କ ମୃତ୍ୟୁ ହେବା ପରେ ଏହି ଘଟଣାଟି ରହସ୍ୟଜନକ ବୋଲି ମନେ ହେଉଛି।

## ଚାଷୀ ପଞ୍ଜୀକରଣରେ ସର୍ବକାଳୀନ ରେକର୍ଡ଼

**ଭୁବନେଶ୍ୱର,୨୫।୮(ମହାଭାରତ):** ଚାଷୀ ପଞ୍ଜୀକରଣରେ ଓଡିଶା ସର୍ବକାଳୀନ ରେକର୍ଡ଼ କରିଛି। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଆଜି ଚାଷୀ ପଞ୍ଜୀକରଣର ଶେଷ ଦିନ। ରାତି ୧୨ ଟାରେ ଅବଧି ସରିବ। ସଂଖ୍ୟା ଆହୁରି ବଢ଼ିବ । ଗତ ବର୍ଷ ଖରିଫରେ ୧୭ ଲକ୍ଷ ୫୦ ହଜାର ୪୬୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ମିଡିଲ ମ୍ୟାନ ଫାଇଦା ନନେବାକୁ ଇ କେୱାଇସି ଲାଗୁ କଲୁ। କିନ୍ତୁ ପରେ କିଛି ସମସ୍ୟା ଉପୁଜିବାରୁ ସେଲ୍ଫ ଡିକ୍ଲରେସନ୍ ବ୍ୟବସ୍ଥା କଲୁ। ଯେଉଁଥି ପାଇଁ ଚାଷୀ ଅଧିକ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୨୫।୮(ମହାଭାରତ) :** ପାଟପୁର ଥାନା ଅଞ୍ଚଳରେ ୫ବର୍ଷ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ କାଳିଆକୁ ଆଜୀବନ ଜେଲ ଦଣ୍ଡାଦେଶ ସହିତ ୨୫ ହଜାର ଟଙ୍କା ଅର୍ଥ ଦଣ୍ଡ ଦେଇଛନ୍ତି। ଏହି ଘଟଣାର ୧୨୦ ଦିନ ମଧ୍ୟରେ ସରିଛି ବିଚାର। ପୀଡିତାଙ୍କୁ ତ୍ୱରିତ ନ୍ୟାୟ ମିଳିଥିବାରୁ କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି ପୀଡ଼ିତାଙ୍କ ପରିବାରବର୍ଗ। ଅଭିଯୁକ୍ତ କାଳିଆ ନାହାକଙ୍କ କାରନାମା ଏବେ ବି ଶୁଣିଲେ ଛାତି ଥରି ଉଠେ। ଏପ୍ରେଲ ୨୫ତାରିଖର ନାବାଳିକାକୁ ନିକଟସ୍ଥ ପୁରୁଣା ଅଙ୍ଗନ୍ୱାଡି କେନ୍ଦ୍ର ବାରଣ୍ଡାକୁ ନେଇ ବାରମ୍ବାର ଦୁଷ୍କର୍ମ କରି ହତ୍ୟା କରିଥିଲେ।

## ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଭୁବନେଶ୍ୱର,୨୫।୮(ମହାଭାରତ):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କଡ଼ା ତାଗିଦ୍ ସତ୍ତ୍ୱେ ନିଜ ଜିଦରେ ଅଟଳ ରହିଛନ୍ତି ଅମଲା ସଂଘ। ଆଲୋଚନା ପରେ ଅମଲା କର୍ମଚାରୀ କାର୍ଯ୍ୟ ଯୋଗ ଦେଇ ନ ଥିବା ଦେଖାଯାଇଛି। ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଭିନ୍ନ ଜିଲ୍ଲାରେ ଅମଲା କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ପୁଣିଥରେ ଅମଲାଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦେଇଛି। ଧାରଣାରେ ଥିବା ରାଜସ୍ୱ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନା ବିଭାଗ। ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି।

ଅମଲା ସଂଘର ଧର୍ମଘଟ ୧୪ ଦିନରେ ପହଞ୍ଚିଛି। ଓଡ଼ିଶାର ସମସ୍ତ ରାଜସ୍ୱ ଅଧିକାରୀ ପ୍ରତିବାଦରେ ଅଛନ୍ତି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୧୦,୦୦୦ରୁ ଅଧିକ ରାଜସ୍ୱ ଅଧିକାରୀ ଅଗଷ୍ଟ ୧୧ ତାରିଖରୁ ସାମୂହିକ ଛୁଟିରେ ଅଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ବି କାମରେ ଯୋଗ ଦେଇନାହାନ୍ତି ରାଜସ୍ୱ ଅମଲା ସଂଘ। ଦାବି ପୂରଣ ନେଇ ସାମୂହିକ ଛୁଟିରେ ଯାଇଥିବା କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ଛୁଟି ବାତିଲ କରିଥିଲେ ମଧ୍ୟ କାର୍ଯ୍ୟରେ ଯୋଗ ଦେଇନଥିଲେ କର୍ମଚାରୀମାନେ। ରାଜ୍ୟ ସରକାର ଦାବି ପୂରଣ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି।

ଉଲ୍ଲେଖଯୋଗ୍ୟ ଯେ, ଅମଲା ସଂଘ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଆଲୋଚନା ହୋଇଥିଲା। ସୋମବାରଠାରୁ ଅମଲା କର୍ମଚାରୀ ଆନ୍ଦୋଳନରେ ଯୋଗଦେବେ ବୋଲି ମନ୍ତ୍ରୀ କହିଥିଲେ। ଅମଲାମାନଙ୍କ ଦାବି କିପରି ପୂରଣ ହେବ। ବିଚାର ଚାଲିଛି। ତାଙ୍କର ଦାବିକୁ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ଅନ୍ୟ ମାନେ ମଧ କାର୍ଯ୍ୟରେ ସାମିଲ ହେବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଆଜି ସନ୍ଧ୍ୟାରେ ଜିଲ୍ଲାପାଳମାନେ ରିପୋର୍ଟ ଦେବେ କିଏ ଯୋଗ ଦେଇଛନ୍ତି ଆଉକିଏ ଦେଇ ନାହାନ୍ତି।

## ଲାଞ୍ଚ ନେଇ ବନ୍ଧା ହେଲେ ପୋଲିସ ବାବୁ



**ବରଗଡ଼,୨୫।୮(ମହାଭାରତ):** ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୋଲିସ ଏସ୍ଆଇ ଜଗା ବରିହା ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ଜଣେ ସ୍କ୍ରାପ ବ୍ୟବସାୟୀଙ୍କଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ କାରବାରରେ ବ୍ୟବହୃତ ୭ହଜାର ଟଙ୍କା ଜବତ ହୋଇଛି। ଭିଜିଲାନ୍ସ ବରିହାଙ୍କ ବିଭିନ୍ନ ବାସଭବନରେ ଚଢାଉ ଜାରି ରଖିଛି। ବର୍ତ୍ତମାନ ଚଢ଼ାଉ ଜାରି ରହିଥିବାରୁ ମୋଟ୍ ସମ୍ପତ୍ତି ଆକଳନ ହୋଇପାରିନାହିଁ। ଚଢ଼ାଉ ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଜନୈକ ଭିଜିଲାନ୍ସ ଅଧିକାରୀ କହିଛନ୍ତି।

# ଆଦିବାସୀ ଝିଅ ଉଡ଼ାଇବେ ବିମାନ

**ଭୁବନେଶ୍ୱର,୨୫।୮(ମହାଭାରତ):** ଏଣିକି ଆଦିବାସୀ ଝିଅ ଉଡ଼ାଇବେ ବିମାନ। ସେମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯିବ। ରାଜ୍ୟ ସରକାରଙ୍କ କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍‌ରେ ଆଦିବାସୀ ଝିଅମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ଏହା ଦ୍ୱାରା ଝିଅମାନେ ବିମାନ ଚାଳକ ହେବେ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘୋଷଣା କରିଥିଲେଯେ ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରୟାସ ବି-ମାନ (ବିଲ୍ଡିଂ ଆଣ୍ଡ ମ୍ୟାନେଜମେଂଟ ଅଫ୍ ଆଭିଏସନ୍ ଆସେଟସ୍ ଆଣ୍ଡ ନେଟୱର୍କ) ଅଧୀନରେ, କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ଆଦିବାସୀ କନ୍ୟା ମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ।

ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମଆରଓ (ମେଂଟେନାନ୍ସ,ରିପାୟର ଆଣ୍ଡ ଓଭରହଲ) ସେବାଦାତା ଏୟାର ୱାର୍କସ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହା ଅନୁଯାୟୀ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମଆରଓ ସୁବିଧା ସ୍ଥାପିତ ହେବ । ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କ୍ସ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ




ବିମାନବନ୍ଦର ନିର୍ମାଣ ହେଉଛି ଏବଂ ଏହି ବିମାନବନ୍ଦର, ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି। ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ ଜୋର ଦେଉଛୁ ଏବଂ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି।

ଭୁବନେଶ୍ୱରରେ, ଏକ ରକ୍ଷଣାବେକ୍ଷଣ, ମରାମତି,ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ। ଏହାସହିତ ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲାଣ୍ଡ ଆଲଟମେଂଟ ପଲିସି ଆଣିବାପାଇଁ ଯାଉଛନ୍ତି। ଏହାର ଅନୁସାରେ, ଆମ ବିମାନ ବନ୍ଦର ମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ, ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ବହୁତ ସଂଖ୍ୟକ ଫ୍ଲାଇଂ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକ ଆମ ବିମାନବନ୍ଦରମାନଙ୍କରେ ଏହି କାର୍ଯ୍ୟ କରିବେ। ରାଜ୍ୟରେ ଯେତେ ସବୁ ବ୍ୟବହାର ହେଉନଥିବା ବିମାନ ପଥ ଅଛି, ସେଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ, ବେସାମରିକ ବିମାନ ପରିବହନ ମନ୍ତ୍ରୀ, ରାମ ମୋହନ ନାଇଡୁ କିଞ୍ଜାରାପୁ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ,' ହାୱାଇ ଚପଲ୍ ପିନ୍ଧିଥିବା ମାନଙ୍କୁ ମଧ୍ୟ, ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ'କୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରୟାସ କାର୍ଯ୍ୟକାରୀ କରାଯିବ। ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ ବୋଲି ଶ୍ରୀ କିଞ୍ଜାରାପୁ ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଅର୍ଥମନ୍ତ୍ରୀ, ଛତିଶଗଡ଼ ସରକାର,ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖି ଥିଲେ । କାର୍ଯ୍ୟକ୍ରମରେବେସାମରିକ ବିମାନ ପରିବହନ ମନ୍ତ୍ରାଳୟର ସଚିବ ସମୀର ସିନ୍‌ହା ସ୍ୱାଗତ ଭାଷଣ ଦେଇଥିବା ବେଳେ, ପ୍ରମୁଖ ଶାସନ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ, ଶ୍ରୀମତୀ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସମବାୟ ଉନ୍ନତି ପାଇଁ ସହଯୋଗ କରିବ କେନ୍ଦ୍ର

**ଭୁବନେଶ୍ୱର,୨୫।୮(ମହାଭାରତ):** ଲୋକସେବା ଭବନରେ ଆଜି କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଓଡିଶାରେ ସମବାୟ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି।



ଏହି ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ସହିତ ସମବାୟ କ୍ଷେତ୍ରରେ ହାସଲ କରାଯାଇଥିବା ସଫଳତା ଗୁଡିକ ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁର ଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟର ଏକ ସାଟେଲାଇଟ୍ ସେଂଟର ପ୍ରତିଷ୍ଠା, ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। କେନ୍ଦ୍ର ମନ୍ତ୍ରୀ ଓଡିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ସେ ସବୁ ରାଜ୍ୟ ଗୁଡିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ଓଡିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର,ଆନନ୍ଦ ଝା ଏବଂ ଓମ୍‌ଫେଡ୍ ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ନବୀନ ନିବାସରେ ରାଜ୍ୟପାଳ

**ଭୁବନେଶ୍ୱର,୨୫।୮(ମହାଭାରତ):** ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ନବୀନନିବାସକୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭେଟିଥିଲେ। ଆଉ ଏହି କ୍ରମରେ ତାଙ୍କୁ ଭେଟିଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା।



ପଚାରି ବୁଝିଛନ୍ତି ଓଡିଶାର ରାଜ୍ୟପାଳ। ଏହି ସମୟରେ ସେ ସାଙ୍ଗରେ ନେଇଥିବା ଫଳ ବି ଭେଟି ଦେଇଛନ୍ତି ନବୀନଙ୍କୁ। ସାକ୍ଷାତ ସମୟରେ ଦୁଇ ନେତା ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ବିରୋଧି ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିଲା । ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି। ପ୍ରାୟ ୨୦ ମିନିଟ୍ ଧରି ନବୀନଙ୍କ ସହିତ ଆଲୋଚ଼ନା କରି ରାଜ୍ୟପାଳ ନବୀନ ନିବାସରୁ ବାହାରିଥିଲେ। ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଗତ ୧୭ ତାରିଖ ଦିନ ଡିହାଇଡ୍ରେସନ୍ ଯୋଗୁ ସମ୍ ଅଲ୍ଟିମେଟ୍ ମେଡିକେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ୫ ଜିଲ୍ଲାରେ ବନ୍ୟା

**ଭୁବନେଶ୍ୱର,୨୫।୮(ମହାଭାରତ):** ଚଳିତ ବନ୍ୟାରେ ୫ ଜିଲ୍ଲା ବାଲେଶ୍ୱର, ଯାଜପୁର, ଭଦ୍ରକ, ସୁନ୍ଦରଗଡ଼, କେନ୍ଦୁଝର ପ୍ରଭାବିତ ହୋଇଛି। ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯାଜପୁର ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି।

ରାଜ୍ୟରେ ବର୍ଷା ଓ ପରବର୍ତ୍ତୀ ବନ୍ୟା ସ୍ଥିତି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଗତ ୨୪ ଘଂଟାରେ ଅନେକ ଜିଲ୍ଲାରେ ବ୍ୟାପକ ବର୍ଷା ହୋଇଛି। ବ୍ରାହ୍ମଣୀ ନଦୀ ସତର୍କ ସଂକେତ ଉପରେ ଓ ବୈତରଣୀର ଆଖୁଆପଦାରେ ସ୍ଥିର ଅଛି। ବୁଢାବଳଙ୍ଗ ନିୟନ୍ତ୍ରଣରେ ଅଛି। ହେଲେ ଜାମସୋଲାଘାଟରେ ଜଳସ୍ତର ବିପଦ ସଂକେତ ଉପରେ ଅଛି। ବର୍ଷା କମିଲାଣି ତେଣୁ ଆହୁରି ଜଳ ପତନ କମିବ। ରାଜଘାଟ, ମାଥିନିରେ ସୁବର୍ଣ୍ଣରେଖା ସାମାନ୍ୟ ବିପଦ ସଂକେତ ଉପରେ ଅଛି। ବାଲେଶ୍ୱର, ଯାଜପୁର, ଭଦ୍ରକ, ସୁନ୍ଦରଗଡ଼, କେନ୍ଦୁଝର ପ୍ରଭାବିତ ହୋଇଛି। ଯାଜପୁର ସର୍ବାଧିକ ୪୬ ଗାଁ, ୧୪ ପଂଚାୟତ ପ୍ରଭାବିତ ହୋଇଛି। ଭଣ୍ଡାରିପୋଖରୀ ମଧ୍ୟ ପ୍ରଭାବିତ ହୋଇଛି.। ଯାଜପୁରରେ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି। ସେମାନେ ଘରକୁ ଫେରିବା ଯାଏଁ ମାଗଣା ରୋଷେଇ ଖାଦ୍ୟ ଓ ଶୁଖିଲା ଖାଦ୍ୟ ଆଶ୍ରୟସ୍ଥଳୀରେ ଦିଆଯିବ।ସେ ଆହୁରି କହିଛନ୍ତି ଯେ ବନ୍ୟା ସ୍ଥିର ଅଛି ପାଣି ଖସିବ। ସମସ୍ତ ସେବା ଯୋଗାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପର୍ଯ୍ୟନ୍ତ କୌଣସି ମୃତାହତ ଖବର ନାହିଁ। ଏହି ସମୟରେ ଜନ ସାଧାରଣଙ୍କୁ ପରାମର୍ଶ ଦେଇ ମନ୍ତ୍ରୀ କହିଛନ୍ତି ବେଶି ସମୟ ପାଣିରେ ରୁହନ୍ତୁ ନାହିଁ, କାରଣ ସାପ ବିପଦ ଅଛି। ଆଶ୍ରୟସ୍ଥଳୀକୁ ଆସନ୍ତୁ। ପୋଲିସକୁ ସେମାନଙ୍କ ଘର ଜଗିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ଛାଡୁ ଛାଡୁ କ୍ଷତିପୂରଣ ମିଳିଯିବ।

ଚଳିତ ବନ୍ୟାରେ ବସ୍ତା, ବାଲିଆପାଳ ଓ ଭୋଗରାଇ ଅଂଚଳ ପ୍ରଭାବିତ ହୋଇଥିବା ସୂଚନା ଦେଇଛନ୍ତି ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଆଖୁଆପଦାରେ ବୈତରଣୀ ଓ ରାଜଘାଟରେ ସୁବର୍ଣ୍ଣରେଖା



ବିପଦ ସଂକେତ ଉପରେ ଅଛି । ଆସନ୍ତାକାଲି ଏହା ବିପଦ ସଂକେତ ତଳକୁ ଆସିବ। ହେଲେ ଜାମସୋଲାଘାଟରେ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢିବ। କାଣୀ ନଦୀରେ ୩୦ ମିଟର ଘାଇ ହୋଇଛି। ପାଣି କମିଲେ ମରାମତି କାମ ଆରମ୍ଭ ହେବ। ହୀରାକୁଦରେ ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ୨.୧୧ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୨.୨୨ ଲକ୍ଷ କ୍ୟୁସେକ ନିଷ୍କାସନ ହେଉଛି। ରେଙ୍ଗାଳିରେ ୯୩% ପାଣି ଭରିବାରୁ ନଜରରେ ରଖାଯାଇଛି।ଦୁଇଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ, ରେଙ୍ଗାଳିର ଆଉ ଏକ ଗେଟ ଖୋଲା ହେବ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଡାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ପରଦା ଖବର ......

## କାନ୍ତାରା ମୁଭି ସୁଟିଂବେଳେ ଚାଲିଗଲା ଦିନେଶ ମାଙ୍ଗାଲୁରୁଙ୍କ ଜୀବନ


ଆଉ ନାହାଁନ୍ତି ବରିଷ୍ଠ କନ୍ନଡ଼ ଅଭିନେତା ଦିନେଶ ମାଙ୍ଗାଲୁରୁ । ୫୫ ବର୍ଷ ବୟସରେ ଉଡୁପି ଜିଲ୍ଲାର କୁଣ୍ଡାପୁରାସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ଅଭିନେତା । ଅଭିନେତାଙ୍କ ମୃତ୍ୟୁରେ କଓଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ବାତାବରଣ ସୃଷ୍ଟି ହୋଇଛି ।ଦୀର୍ଘଦିନ ଧରି ଅଭିନେତା ଦିନେଶ ଅସୁସ୍ଥ ଥିବା ଜଣାପଡିଛି । ଫଳରେ 'କାନ୍ତାରା'ର ସୁଟିଂ ସମୟରେ ତାଙ୍କୁ ବ୍ରେନ୍ ଷ୍ଟୋକ୍ ହୋଇଥିଲା ।ଏହା ପରେ ତୁରନ୍ତ ତାଙ୍କୁ ବାଙ୍ଗାଲୋରରେ ଚିକିତ୍ସା



ପାଇଁ ଭର୍ତ୍ତି କରାଯାଇଥିଲା । ପରେ ସେ ସୁସ୍ଥ ହୋଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଖରାପ ହୋଇଥିଲା । ଯାହା ପରେ ତାଙ୍କୁ ସୁରେଗାଓଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ଶେଷରେ ତାଙ୍କର ୫୫ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା ।ଯଦି ତାଙ୍କ କ୍ୟାରିୟର ସମ୍ପର୍କରେ କୁହାଯାଏ ତେବେ ସେ କେଜିଏଫରେ ଦିନେଶ ବମ୍ବେ ଡନ୍ ଭୂମିକାରେ ଅଭିନୟ କରିଥିଲେ। ସେ ଖାସ୍ କରି ନେଗେଟିଭ୍ ଚରିତ୍ର ପାଇଁ ବେଶ୍ ଜଣାଶୁଣା । ପରଦାରେ ତାଙ୍କର ଚମତ୍କାର ଅଭିନୟ ସହିତ, ସେ ନିଜର ଛାପ ଛାଡ଼ିଥିଲେ ଏବଂ କଓଡ ଦର୍ଶକଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିଥିଲେ । ସେ ପ୍ରଥମେ ଥିଏଟରରେ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ । ପରେ ସେ ଫିଲ୍ମ ଦୁନିଆରେ ଏଣ୍ଟ୍ରି କରିଥିଲେ । ସେ କ୍ୟାରିୟର ଆରମ୍ଭରେ ମଧ୍ୟ ନିର୍ଦ୍ଦେଶକ ଭାବେ କାମ କରୁଥିଲେ ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ



ଗଣପତିଙ୍କର ନାମ ସିଦ୍ଧି ବିନାୟକ ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

## ନୂଆଖାଇ ପାଇଁ ଚଳଚଞ୍ଚଳ ମା' ସମଲେଶ୍ୱରୀଙ୍କ ପୀଠ

ନୂଆଖାଇ ପାଇଁ ଚଳଚଞ୍ଚଳ ମା' ସମଲେଶ୍ୱରୀଙ୍କ ପୀଠ । ମନ୍ଦିର ଟ୍ରଷ୍ଟ ପକ୍ଷରୁ ନୂଆଖାଇକୁ ବ୍ୟବସ୍ଥିତ ଢଙ୍ଗରେ କିପରି ପାଳନ କରାଯିବ ସେନେଇ ସମସ୍ତ ପ୍ରକାର ଭକ୍ତମାନଙ୍କ ପାଇଁ ସୁବିଧା କରାଯାଇଛି । ଏଥିପାଇଁ ଆଜି ମା'ଙ୍କ ପୂଜକମାନେ ମାଁ ସମଲେଶ୍ୱରୀଙ୍କ ପାର୍ଶ୍ୱରେ ଥିବା ୧୧୫ ଦେବାଦେବୀଙ୍କୁ ସିନ୍ଦୁର ଲାଗି କରାଇଛନ୍ତି । ଏହି ସିନ୍ଦୁର ସ୍ୱତନ୍ତ୍ର ଭାବେ ମା'ଙ୍କ ପାଇଁ ଆସିଥାଏ ।ସେହିପରି ମା'ଙ୍କ ଗମ୍ଭୀରା ଭୋରରୁ ପୂଜକମାନେ ସଫା କରିଛନ୍ତି । ମଧ୍ୟାହ୍ନ ଭୋଗ ଲାଗିବା ପରେ ମା'ଙ୍କର ଆଭୂଷଣ ଖୋଲାଯାଇ ସଫା କରାଇଛନ୍ତି ଟ୍ରଷ୍ଟ ବୋର୍ଡ । ଆସନ୍ତା ୨୮ ତାରିଖ ମା'ଙ୍କୁ



ନୂଆ ବେଶ କରାଯିବ । ମା'ଙ୍କ ପାଇଁ ନୂତନ ସମ୍ବଲପୁରୀ ପାଟ ଶାଢ଼ୀ, ଚୁଡ଼ି, ଗହଣା, ମନ୍ଦାର ମାଳ ଆଦିରେ ନୂତନ ବେଶ ହେଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ।ଆସନ୍ତା ୨୮ ତାରିଖ ସକାଳ ୧୦.୩୩ ମିନିଟରୁ ୧୦.୫୫ ମିନିଟ ମଧ୍ୟରେ ନବାର୍ଣ୍ଣ ଲାଗି ହେବ ।ଏଥିପାଇଁ ମନ୍ଦିରରେ ସକାଳ ୬ ଟାରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିବ । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯିବ। ନୂଆଖାଇ ପାଇଁ ସମୟ ବହୁତ କମ୍ ରହିଛି ହାତରେ । ଏଥିପାଇଁ ମାଁ ସମଲେଶ୍ୱରୀ ମନ୍ଦିର ଠାରୁ ଆରମ୍ଭ କରି ସବୁଆଡେ ଚାଲିଛି ଜୋରଦାର ପ୍ରସ୍ତୁତି ।

## ଗୃହରେ ରଖନ୍ତୁ ହାତୀର ପ୍ରତିମା : ପ୍ରାପ୍ତି ହେବ ଶୁଭଫଳ



ବାସ୍ତୁ, ଜ୍ୟୋତିଷ ଶାସ୍ତ୍ରରେ ହାତୀ ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଶାସ୍ତ୍ରରେ ହାତୀ ବିଘ୍ନହର୍ତ୍ତା ପ୍ରଭୁ ଗଣେଶ ଓ ଧନର ଦେବୀ ମା'ଲକ୍ଷ୍ମୀଙ୍କ ସହ ଜଡ଼ିତ ରହିଛନ୍ତି। ଜାଣନ୍ତୁ ହାତୀଙ୍କ ଫଟୋ, ଚିତ୍ର କିମ୍ବା ପ୍ରତିମା ଘରେ ରଖିବା ଦ୍ୱାରା କି କି ଶୁଭଫଳ ପ୍ରାପ୍ତି ହୋଇଥାଏ...

■ ଶୟନ କକ୍ଷରେ ପିତ୍ତଳରେ ନିର୍ମିତ ହାତୀଙ୍କ ପ୍ରତିମା ରଖିବା ଦ୍ୱାରା କିମ୍ବା ହାତୀଙ୍କ ବଡ଼ ଫଟୋ ଲଗାଇଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

■ ପିତ୍ତଳର ହାତୀ ଘରର ବୈଠକ ଘରେ ରଖିବା ଦ୍ୱାରା ଏହା ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଜୀବନରେ ସଫଳତା ମଧ୍ୟ ଆସିଥାଏ।

■ ଘରେ କିମ୍ବା ପର୍ସରେ ଛୋଟ ଚାନ୍ଦିର ହାତୀ ରଖିବା ଦ୍ୱାରା ସନ୍ତାନ କଷ୍ଟ ଦୂର ହୋଇଥାଏ ଓ ବେପାରରେ ଲାଭ ମିଳିଥାଏ।

■ ଚାନ୍ଦିରେ ନିର୍ମିତ ହାତୀ ଘରର ଉତ୍ତର ଦିଗରେ ରଖିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

■ ଫେଙ୍ଗସୁଇ ଅନୁଯାୟୀ ହାତୀର ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଧନ ପ୍ରାପ୍ତି ହୋଇଥାଏ। ଘରେ ସୁଖଶାନ୍ତି ପ୍ରବେଶ କରିଥାଏ। ଶୁଣ୍ଢ ଉପରକୁ ହୋଇ ରହିଥିବା ହାତୀର ପ୍ରତିମା ରଖିବା ଦ୍ୱାରା ଧନସମ୍ପତ୍ତି ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥାଏ।



## ମସୁର ଡାଲିରେ ତ୍ୱଚାର ଉପଚାର

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ୍ୟ ଲଗାଇ ପାରିବେ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜ୍ୱଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି



ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ୍ୟ ମିଶାଇ ପାରିବ। ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବଢ଼ିବ। ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ । ତ୍ୱଚା ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।


# ଓସିପିଏଲକୁ ମିଳିଲା କୋଇଲା ଖଣି

**ଭୁବନେଶ୍ୱର,୨୫।୮ (ମହାଭାରତ):** ସୁନ୍ଦରଗଡର ଟାଙ୍ଗରଡ଼ିହି-ଉତ୍ତର କୋଇଲା ଖଣିକୁ ନିଲାମ ପ୍ରକ୍ରିୟାରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତକାଲି ଓଡିଶା ସରକାରଙ୍କ ସାଧାରଣ ଉଦ୍ୟୋଗ ସଂସ୍ଥା ଓଡିଶା କୋଲ ଏଣ୍ଡ ପାୱାର ଲି (ଓସିପିଏଲ)କୁ ଅର୍ପଣ କରି ଚୁକ୍ତି ସମ୍ପାଦନ କରିଛନ୍ତି। ବ୍ୟବସାୟୀକ ଖଣି ପରିଚାଳନା କରିବା ପାଇଁ ଓଡିଶାରେ ପ୍ରଥମ ଥର ପାଇଁ ଗୋଟେ ସରକାରୀ ଉଦ୍ୟୋଗ ଓସିପିଏଲକୁ ଦାୟିତ୍ୱ ମିଳିବା ରାଜ୍ୟ ଅର୍ଥନୀତି ପାଇଁ ଖୁସି ଖବର।

ଓପିଜିସି (ଓଡିଶା ପାୱାର ଜେନେରେସନ କର୍ପୋରେସନ)ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରୁ ୨୬୪୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟରେ ୨୦୧୫ରେ ରାଜ୍ୟସରକାର ଓସିପିଏଲ ଗଠନ କରିଥିଲେ। ସେହିବର୍ଷ ପୂର୍ଣ ବିକଶିତ ମନୋହରପୁର କୋଇଲାଖଣିକୁ କେନ୍ଦ୍ର ସରକାର ଓସିପିଏଲକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଅର୍ଥାତ ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ଆବଣ୍ଟନ କରିଥିଲେ। ମନୋହରପୁର କୋଇଲାଖଣିର ଗଚ୍ଛିତ କୋଇଲା ୬୬୪ ନିୟୁତ ଟନ କୋଇଲା ଆକଳନ ହୋଇଥିବା ବେଳେ ବାର୍ଷିକ ୧୬ ନିୟୁତ ଟନ କୋଇଲା ଉତ୍ପାଦନ କରିବା ପାଇଁ ଓସିପିଏଲ ସହିତ କେନ୍ଦ୍ରସରକାର ଚୁକ୍ତି କରିଛନ୍ତି। ୨୦୧୯ରୁ ମନୋହରପୁର କୋଇଲା ଖଣିରୁ ଓସିପିଏଲ କୋଇଲା ଉତ୍ପାଦନ କରି ଓପିଜିସିକୁ ବିକ୍ରୟ କରୁଛି। ତେବେ ସୁନ୍ଦରଗଡର ଟାଙ୍ଗରଡ଼ିହି-ଉତ୍ତର କୋଇଲା ଖଣିକୁ ଓସିପିଏଲ ବ୍ୟବସାୟୀକ ଉଦ୍ଦେଶ୍ୟରେ ପରିଚାଳନା କରିବା ପାଇଁ ଗତକାଲି କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତିବଦ୍ଧ ହୋଇଛିୟ ଓସିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ଆୟସକାନ୍ତ କାନୁନଗୋ ପ୍ରଦାନ କରିଥିବା ସୂଚନା ଅନୁଯାଇ ଟାଙ୍ଗରଡ଼ିହି-ଉତ୍ତର କୋଇଲା ଖଣିରେ ଉଚଗ୍ରେଡ-୧୩ କୋଇଲା ସମୁଦାୟ ୧୧୭୦ ନିୟୁତ ଟନ ଗଚ୍ଛିତ ଥିବାବେଳେ ୪୮୦ ନିୟୁତ ଟନ କୋଇଲାଖଣି ଅଞ୍ଚଳକୁ ବିକଶିତ କରାଯାଇଛି। ଓଡିଶାକୁ ପ୍ରଥମ ଥର ପାଇଁ ବ୍ୟବସାୟୀକ ଖଣି ଉପଲବ୍ଧ ହେବା ଉପରେ ଶ୍ରୀ କାନୁନଗୋ କହିଛନ୍ତିଯେ ବାର୍ଷିକ ୫୦ ନିୟୁତ ଟନ ବ୍ୟବସାୟୀକ କୋଇଲା ଉତ୍ପାଦନ କରିବା ସହ ୧୦,୦୦୦ କୋଟିଟଙ୍କା ରାଜସ୍ୱ ଆୟ କରିବା ପାଇଁ ଓସିପିଏଲ ଲକ୍ଷ୍ୟ ରଖିଛି। ତେଣୁ ପ୍ରାୟ ୫୦୦୦ କର୍ମଚାରୀ ସିଧାସଳଖ ନିଯୁକ୍ତ କରିବା ପାଇଁ ଓସିପିଏଲ ଯୋଜନା କରିଛି।

# କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରୁ ଓୟୁଏଟି

**ଭୁବନେଶ୍ୱର,୨୫।୮ (ମହାଭାରତ):** ଛାତ୍ରଛାତ୍ରୀ, କୃଷକ ମାନଙ୍କ ମଧ୍ୟରେ ତଥା ସମାଜରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିଭାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ଅଗଷ୍ଟ ୨୪ତାରିଖ ରବିବାର ଦିନ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୬୪ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଓୟୁଏଟି କର୍ତୃପକ୍ଷଙ୍କୁ କହିଥିଲେ। ଏପରି ପ୍ରକଳ୍ପ ପ୍ରୋଫାଇଲ୍ ଛାତ୍ରଛାତ୍ରୀ ଏବଂ କୃଷକମାନଙ୍କୁ କୃଷି ଭିତ୍ତିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କୁ ଏପରି ଉଦ୍ୟୋଗ ଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ। ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ନିଜର ଉପଲବ୍ଧି ଅବତାରଣା କରି ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ




କରାଯାଉଥିବା ତାଲିମକୁ ପ୍ରଶଂସା କରିଥିଲେ। ତାଲିମ ନେବା ପରେ ଅଳ୍ପ କେତେଜଣ ଚାଷୀ ଔଦ୍ୟୋଗିକ କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉଛି। ଯଦି ସମସ୍ତଙ୍କୁ ପ୍ରକଳ୍ପ ପ୍ରୋଫାଇଲ୍ ଦିଆଯାଇ ମାର୍ଗଦର୍ଶନ କରାଯାଏ ତାହେଲେ କୃଷି ଉଦ୍ୟୋଗ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିଥିଲେ। ଓୟୁଏଟି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କୃଷିକୁ ଭାରତର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିଥିଲେ। ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ ଏହା ଆମ ସଂସ୍କୃତିର ଏକ ଅଂଶ ଏବଂ ଏହା ପରିବାର ସହିତ ଅର୍ଥନୀତିକୁ ପ୍ରତିପାଳନ କରେ ବୋଲି କହିଥିଲେ। ଓୟୁଏଟି ଭଳି ପ୍ରତିଷ୍ଠାନ ଗୁଡିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ – ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ। ପ୍ରକ୍ରିୟାକରଣ, ଭାଲ୍ୟୁ ଆଡିସନ, ମାର୍କେଟିଂ ଏବଂ ରପ୍ତାନୀରେ କୃଷିର ବର୍ଦ୍ଧିତ ପରିସର ଉପରେ ଆଲୋକପାତ କରି ସଠିକ୍ କୃଷି, ଜୈବ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦେବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏମ୍ଏସଏମଇ ବିଭାଗ ଦ୍ୱାରା କୃଷି ଷ୍ଟାଟ ଅପ୍ ପାଇଁ ଅଗ୍ରଣୀ ନୋଡାଲ କେନ୍ଦ୍ର ଭାବରେ ଓୟୁଏଟି ମାନ୍ୟତା ପାଇବା ଏବଂ ୨୪ ଟି ଷ୍ଟାଟ ଅପକୁ ପରାମର୍ଶ ଦେବା କ୍ଷେତ୍ରରେ ଏହାର ସଫଳତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ସମାରୋହରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରି ଭାରତ କିପରି ଏକ ଆମଦାନୀକାରୀ ରାଷ୍ଟ୍ରରୁ ଏକ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି ତାହା ଅବତାରଣା କରିଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଏକାମ୍ର – ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏବଂ ଓୟୁଏଟି ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପୁସ୍ତିକା ଉନ୍ମୋଚିତ ହୋଇଥିଲା ଓ ୱାଇଫାଇ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା।

# ବିଜେପିରେ ସାମିଲ ହେଲେ ବଡ଼ଚଣାର ବିଜେଡି କର୍ମୀ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଓଡ଼ିଶା ବିକଶିତ ପଥେ ବଢ଼ିଚାଲିଛି। ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଷ୍ଠାପର ଓ ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ ଉପରେ ଭରସା ରଖି ବିଜେଡି ଓ ଅନ୍ୟ ଦଳର ନେତା ଓ କର୍ମୀମାନେ ସେମାନଙ୍କ ଦଳ ଛାଡ଼ି ବିଜେପିରେ ସାମିଲ ହେବାରେ ଲାଗିଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଆଜିର ମିଶ୍ରଣ ପର୍ବ ଅବସରରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ବଡ଼ଚଣା ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବଡ଼ଚଣା ବ୍ଲକର ପୂର୍ବତନ ଛାତ୍ର ସଭାପତି ଜିତେନ୍ଦ୍ର



କୁମାର ନାୟକ, ଦର୍ପଣ ସରପଂଚ ତଥା ବଡ଼ଚଣା ସରପଂଚ ସଂଘ ସଭାପତି ରଞ୍ଜନ କୁମାର ଦାସ, ବଡ଼ଚଣା ସମିତି ସଭ୍ୟ ତଥା ସଂଘ ସଭାପତି ମଧୁସୂଦନ ବଳ, ଭୁଷଣ୍ଡପୁର ସରପଂଚ ଯଜାତି କେଶରୀ ରାଉତ, ସିହା ସରପଂଚ ସୁଶ୍ରୀ ମିଶ୍ର, ଧାନମଣ୍ଡଳ ସରପଂଚ ନବଦ୍ୱୀପ ନାୟକ, ବଡ଼ଘୁମୁରି ସରପଂଚ ଅକ୍ଷୟ କୁମାର ରାଉତରାୟ, ଅଣକା ସରପଂଚ ଦେବଯାନୀ ମହାପାତ୍ର, ସମିତି ସଭ୍ୟା ରଶ୍ମିତା ସ୍ୱାଇଁ, ମାଣ୍ଡୁକା ସମିତି ସଭ୍ୟା ମିନତୀ ଦଳେଇ, ଚାରିନଙ୍ଗଳ ପଂଚାୟତ ସମିତିସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଂଚ ସେକ୍ ଗନି, ପତରାଜପୁର ସରପଂଚ ତନୁଶ୍ରୀ ଦାସ, ଭରତପର ସରପଂଚ ବିଭୁତି ଭୂଷଣ ସାମଲ, ସମିତିସଭ୍ୟା ଦୁର୍ଗାବତୀ ସାମଲ, ବାଲିପଡ଼ିଆ ସମିତିସଭ୍ୟା ମନୋରମା ଭଞ୍ଜ, ବଡ଼ବାଲିକୁଦା ସମିତି ସଭ୍ୟା କାମିନୀ ନାୟକ, ବରପଦା ପଂଚାୟତ ସମିତିସଭ୍ୟା ସ୍ମରଣିକା ବଳ, ମାଣ୍ଡୁକ ସରପଂଚ ପ୍ରଭାସିନୀ ମଲିକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି।

# ଜନଜାତି ଯୋଜନା ସମ୍ପର୍କରେ ରାଜ୍ୟପାଳଙ୍କ ସମୀକ୍ଷା

**ଭୁବନେଶ୍ୱର,୨୫।୮ (ମହାଭାରତ):** ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକର କାର୍ଯ୍ୟକାରିତା ସମୟରେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଅଗଷ୍ଟ ୨୩ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଉପରୋକ୍ତ ବିଭାଗମାନଙ୍କର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ



ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଜନଜାତିମାନଙ୍କର କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି ଓ ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇ ପାରିବେ। ଏଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ରାଜ୍ୟପାଳ କହିଥିଲେ। ଏତତ ବ୍ୟତୀତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ କିପରି ଅଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ପାରିବେ ସେ ଦିଗରେ ସକାରାତ୍ମକ ମନୋଭାବ ନେଇ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଫରେଷ୍ଟ ରାଇଟ ଆକ୍ଟ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନ ଗୁଡିକୁ ଆଗାମୀ ନବେ ଦିନ ମଧ୍ୟରେ ଫଇସଲା କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ଏ ଦିଗରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଓ କଲ୍ୟାଣ ବିଭାଗ ପରିଚାଳିତ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ସହିତ ବିଦ୍ୟାଳୟମାନଙ୍କର ମାନ୍ୟତା ବୃଦ୍ଧି ଦିଗରେ ପଦକ୍ଷେପର ସମୀକ୍ଷା କରିଥିଲେ।

# କର୍ମଚାରୀ କେନ୍ଦ୍ରିତ ନୀତି ପାଇଁ ବେଦାନ୍ତ ସେସା ସ୍ୱୀକୃତି ଲାଭ କଲା

**ଭୁବନେଶ୍ୱର,୨୫।୮ (ମହାଭାରତ):** ବେଦାନ୍ତ ସେସା ଗୋଆକୁ କ୍ରମାଗତ ଚତୁର୍ଥ ବର୍ଷ (୨୦୨୨-୨୦୨୫) ପାଇଁ ଏକ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଭାବରେ ପ୍ରମାଣିତ କରାଯାଇଛି, ଯାହା ଭାରତର ପ୍ରମୁଖ ସଂଗଠନଗୁଡ଼ିକ ମଧ୍ୟରେ ନିଜର ସ୍ଥାନ ସ୍ଥାପନ କରିଛି ଯେଉଁମାନେ କାର୍ଯ୍ୟକ୍ଷେତ୍ର ସଂସ୍କୃତିରେ ଉତ୍କର୍ଷତା ବଜାୟ ରଖିଛନ୍ତି। ଉଚ୍ଚ-ବିଶ୍ୱାସ ଏବଂ ଉଚ୍ଚ-କାର୍ଯ୍ୟକ୍ଷମତାପୂର୍ଣ୍ଣ କର୍ମକ୍ଷେତ୍ର ପରିବେଶ ନିର୍ମାଣ, ସ୍ଥାୟୀ କରିବା ଏବଂ ସ୍ୱୀକୃତି ଦେବା ପାଇଁ ଏକ ବିଶ୍ୱସ୍ତରୀୟ ପ୍ରାଧିକରଣ, ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରତିଷ୍ଠାନ ଦ୍ୱାରା ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ପ୍ରମାଣପତ୍ର ଏକ କଠୋର, ସ୍ୱାଧୀନ ମୂଲ୍ୟାଙ୍କନ ଉପରେ ଆଧାରିତ ଯାହା କର୍ମଚାରୀ ମତାମତ ଏବଂ ଲୋକ-କେନ୍ଦ୍ରିକ ନୀତି ଏବଂ ଅଭ୍ୟାସର ପ୍ରଭାବଶାଳୀତା ଉପରେ ସଂଗଠନଗୁଡ଼ିକୁ ମୂଲ୍ୟାଙ୍କନ କରିଥାଏ। ଏହା ବେଦାନ୍ତ ସେସା ଗୋଆର ବିଶ୍ୱାସ, ସମ୍ମାନ, ସୁରକ୍ଷା ଏବଂ ବୃତିଗତ ଅଭିବୃଦ୍ଧି ପାଇଁ ସୁଯୋଗ ଉପରେ ନିର୍ମିତ ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ନିରନ୍ତର ଗୁରୁତ୍ୱାରୋପକୁ ପ୍ରାଧାନ୍ୟ ପ୍ରଦାନ କରିଛି। ଏହି ମାନ୍ୟତା ମୂଳ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସହିତ ଆସିଛି, ମାନବ ପୁଞ୍ଜି ବିକାଶ ଏବଂ ରାଷ୍ଟ୍ର ନିର୍ମାଣରେ ଏହାର ଦୀର୍ଘକାଳୀନ ଅବଦାନକୁ ଆହୁରି ବୈଧ କରି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଦ୍ୱାରା ବେଦାନ୍ତ ଗ୍ରୁପକୁ ଭାରତର ସର୍ବୋତମ ନିଯୁକ୍ତିଦାତା ରାଷ୍ଟ୍ର-ନିର୍ମାତା ୨୦୨୫ ଭାବରେ ନାମିତ କରାଯାଇଛି।

# ପାପଡ଼ାହାଣ୍ଡି ଘଟଣା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର

**ଭୁବନେଶ୍ୱର,୨୫।୮ (ମହାଭାରତ):** ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ପାପଡ଼ାହାଣ୍ଡି ଘଟଣା ଓଡିଶା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର। ଭାରତଛାଡ଼ ଆନ୍ଦୋଳନ କେବଳ ଏକ ସ୍ଲୋଗାନ ନଥିଲା ଏହା ଭାରତ ଆତ୍ମାର ଚିତ୍କାର ଥିଲା। ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିହତ କରିବା ଉଦେଶ୍ୟରେ ପାପଡାହାଣ୍ଡିରେ ବ୍ରିଟିଶମାନଙ୍କ ବର୍ବାରୋଚିତ ହତ୍ୟାକାଣ୍ଡ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ କୌଣସି ଗୁଣରେ କମ ନଥିଲା।

ମନ୍ତ୍ରୀ ଶ୍ରୀ ଗଣ୍ଡ ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକ ବିରଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର ବୋଲି ଅଭିହିତ କରି ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ନିମନ୍ତେ ନବରଙ୍ଗପୁର ପରି ଏକ ଆଦିବାସୀବହୁଳ ଅଞ୍ଚଳର ଜନସାଧାରଣ ଯେପରି ତ୍ୟାଗ ସ୍ୱୀକାର କରିଥିଲେ ତାହା ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ।

ବିଶିଷ୍ଟ ଅତିଥି ଭାବେ




ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଅବିଭକ୍ତ କୋରାପୁଟ ଜନଜାତିର ଅବଦାନକୁ ଭୁଲିବାର ନୁହେଁ। ଏହା ଉପରେ ଅଧିକ ଗବେଷଣା ସହିତ ଅଧିକ ତଥ୍ୟ ଲୋକଲୋଚନକୁ ଆସିବା ଦରକାର ବୋଲି ଉଲ୍ଲେଖ କରି ସେ ପାପଡ଼ାହାଣ୍ଡି ସଂଗ୍ରାମର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ କହିଲେ ଯେ ଭାରତ ଛାଡ଼ ଆନ୍ଦୋଳନର ଆହ୍ୱାନ ପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଜାମାନେ ଇଂରେଜ ଶାସନକୁ ପ୍ରତିବାଦ କରିଥିଲେ। ସମଗ୍ର ଦେଶରେ ଯେପରି ବିଦ୍ରୋହର ଅଗ୍ନି, ସେହିପରି ଓଡ଼ିଶାର ପାପଡ଼ାହାଣ୍ଡିର ପ୍ରଜାମାନଙ୍କ ମନରେ ମଧ୍ୟ ଦେଶଭକ୍ତିର ଜ୍ୱାଳା ପ୍ରଜ୍ୱଳିତ ହୋଇଥିଲା । ସେହି ସମୟରେ ପାପଡ଼ାହାଣ୍ଡି ଅଞ୍ଚଳରେ ସ୍ଥାନୀୟ ଅନୁସୂଚିତ ଜନଜାତିର କୃଷକ, ଶ୍ରମିକ ଓ ଯୁବକମାନେ ସ୍ୱାଧୀନତା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟ ବିଧାୟକ ରଘୁରାମ ମାଛ ପାପଡ଼ାହାଣ୍ଡି ଘଟଣା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ନବରଙ୍ଗପୁର ଜନଜାତିର ଯୋଗଦାନ ଓଡିଶା ସ୍ୱାଧୀନତା ସଂଗ୍ରାମର ଏକ ପାହାଚ। ସେ କହିଥିଲେ ଯେ ଭାରତଛାଡ଼ ଆନ୍ଦୋଳନର ସ୍ୱର ପାପଡ଼ାହାଣ୍ଡିରେ ତୀବ୍ର ଭାବେ ଗୁଞ୍ଜରିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଅବସରରେ ଭାରତ ସ୍ୱାଧୀନତା ସଂଗ୍ରାମର ଅଂଶ ବିଶେଷ ରକ୍ତତୀର୍ଥ ପାପଡାହାଣ୍ଡିର ତୁରୀ ନଦୀ ତଟରେ ସଂଘଟିତ ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ ।

## ନବଦର୍ଶନ ପ୍ରତିଫଳନ ସମାରୋହ ୨୦୨୫

# ବିକଶିତ ଓଡ଼ିଶା ପାଇଁ ପଥ ପ୍ରଶସ୍ତ କରୁଛି

**ଭୁବନେଶ୍ୱର,୨୫।୮ (ମହାଭାରତ):** ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ (ଓଆରଏଫ) ସହିତ ମିଳିତ ଭାବରେ, ଭୁବନେଶ୍ୱରରେ ନବଦର୍ଶନ ପ୍ରତିଫଳନ ସମାରୋହ ୨୦୨୫ ଆୟୋଜନ କରାଯାଇଛି। ଭି-ଗାର୍ଡର ସିଏସଆର ପ୍ରୟାସ ନବଦର୍ଶନର ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ, ଅନ୍ତର୍ଭୁକ୍ତ ବିକାଶରେ ପ୍ରଗତିକୁ ପାଳନ କରିବା ଏବଂ କାର୍ଯ୍ୟକ୍ରମର ଭବିଷ୍ୟତ ଦୃଷ୍ଟିକୋଣ ପ୍ରସ୍ତୁତ କରିବା ପାଇଁ ପିଲା, ଅଭିଭାବକ, ଶିକ୍ଷକ, ନୀତି ନିର୍ଦ୍ଧାରକ, କର୍ପୋରେଟ୍ ପ୍ରତିନିଧି ଏବଂ ନାଗରିକ ସମାଜ ଅଂଶୀଦାରମାନଙ୍କୁ ଏକତ୍ର କରିଥିଲା। ପାଂଚ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ନବଦର୍ଶନ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁଣବତା ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷକ ତାଲିମ ଏବଂ ଭିତିଭୂମି ସହାୟତା ପ୍ରଦାନ କରିବା ସହିତ ସାମାଜିକ ଦକ୍ଷତା ବୃଦ୍ଧି ପାଇଁ ଚିକିତ୍ସା ସହାୟତା ଏବଂ ବୌଦ୍ଧିକ ଭାବରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ବୃତିଗତ ତାଲିମ ପ୍ରଦାନ କରୁଛି। ଏନଜିଓ ସହିତ ସହଭାଗିତା ମାଧ୍ୟମରେ, ଏହି ପଦକ୍ଷେପ ଓଡ଼ିଶା, କେରଳ, ତେଲେଙ୍ଗାନା ଏବଂ କର୍ଣ୍ଣାଟକର ୪୦ ଟି ସ୍ୱତନ୍ତ୍ର ବିଦ୍ୟାଳୟର ୪,୦୦୦ ରୁ ଅଧିକ ବୌଦ୍ଧିକ ଭାବରେ ଅକ୍ଷମ ପିଲାଙ୍କ ନିକଟରେ ପହଂଚିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା, ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏହି ପ୍ରୟାସରେ ୩.୬୪୩୧ କୋଟିରୁ ଅଧିକ ନିବେଶ କରିଛି। କେବଳ ଓଡ଼ିଶାରେ, ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ ଏବଂ କୋରାପୁଟ ଆଦି ପାଂଚଟି ଜିଲ୍ଲାର ୧୦ ଟି ବିଦ୍ୟାଳୟର ୧,୦୦୦ ପିଲାଙ୍କୁ ଉପକୃତ କରି ପାରିଛି। ପିଲା ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ସମାରୋହର ଶୁଭାରମ୍ଭ ହୋଇଥିଲା। ତା'ପରେ ଭାରତୀୟ ସାଙ୍କେତିକ ଭାଷାରେ ସ୍ୱାଗତ ସଙ୍ଗୀତ ଏବଂ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏକ ସ୍ୱତନ୍ତ୍ର ଅଡିଓ-ଭିଜୁଆଲ୍ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା ।

# ଯୋଗ ଆସନ ପ୍ରାଣାୟାମ ଆହାର, ବିହାର ସୁସ୍ଥ ନିରାମୟର ମୁଖ୍ୟ ଉପାଦାନ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଆସନ, ପ୍ରାଣାୟାମ ଖାଦ୍ୟ ଗ୍ରହଣରେ ସଂଯମତା ଦ୍ୱାରା ଜଣେ ସୁସ୍ଥ, ନିରାମୟ ରହି ପାରିବ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରାକ୍ତନ ଅଧିକାରୀମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରୁଚୁଆଲ ମିଶନର ନୂଆପଲ୍ଲୀସ୍ଥ ରାମକୃଷ୍ଣ ମଠ ସଭାଗୃହରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆୟୁର୍ବେଦ ଗବେଷଣା କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ରାଜ ବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦ ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ପ୍ରକାଶ କରିଥିଲେ। ନିଜେ ବିଭିନ୍ନ ଆସନ ପ୍ରାଣାୟାମ କରି ଉପସ୍ଥିତ ସମସ୍ତ ସଦସ୍ୟମାନେ କିପରି କରିବେ ତାହା ଦେଖାଇଥିଲେ। ଆମେ ଯଦି ନିୟମିତ ଭାବେ ହଳଦୀ, ଅଁଳା, ସକାଳ ସମୟରେ ନିୟମିତ ସେବନ କରିବା ତେବେ ବହୁ ରୋଗରୁ ମୁକ୍ତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ମୁରଲୀ ଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସହସ୍ର ନାମ ଗାନ



କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ନିୟମିତ ଗୀତା ଓ ଭଗବତ ପାଠ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ। ନାଟ୍ୟକାର ବିଜୟକୁମାର ମହାନ୍ତି ସଭାପତିତ୍ୱ କରି କହିଲେ ଯଦି ଆମେ ମୁଖ୍ୟଅତିଥି କହିଥିବା ସମସ୍ତ କଥା ମାନି ଜୀବନ ଯାପନ କରିବା ତେବେ ଆମେ ସୁସ୍ଥ ଓ ନିରାମୟ ରହିପାରିବା। ପ୍ରବୋଧ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମୋଲବିଓ ଡାଏଗ୍ନୋଷ୍ଟିକ୍ସ ପକ୍ଷରୁ ସେବି ନିକଟରେ ଡିଆର୍ଏଚ୍ପି ଦାଖଲ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଅଗ୍ରଣୀ ଡାଏଗ୍ନୋଷ୍ଟିକ୍ସ କମ୍ପାନି ମୋଲବିଓ ଡାଏଗ୍ନୋଷ୍ଟିକ୍ସ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ହାସଲ କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଓ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍ଏଚ୍ପି) ଦାଖଲ କରାଯାଇଛି। ଗୋଆର ଏହି କମ୍ପାନି ନୂଆ ଇକ୍ୱିଟି ସେୟାର ଜାରି କରି ୨୦୦ କୋଟି ଟଙ୍କା ସଂଗ୍ରହ କରିବ ଏବଂ ଅଫର ଫର ସେଲରେ ଅଂଶଧନକାରୀମାନେ ୧,୨୫,୫୬,୦୦୦ ଇକ୍ୱିଟି ସେୟାରକୁ ବିକ୍ରି କରିବେ।

ଅଫର ଫର୍ ସେଲ୍‌ରେ ଏକ୍ସୋରା ଟ୍ରେଡିଂ ଏଲ୍ଏଲ୍ପି, ଡକ୍ଟର ଚନ୍ଦ୍ରଶେଖର ଭାସ୍କରନ ନାୟାର, ଅବଦୁଲ କାଦିର ମହମ୍ମଦ ଥେରୁଭାଥ, ଟିଡବାକା ସର୍ଭିସେସ୍ ଲିମିଟେଡ୍, ଜେ ଗୁରୁ ଦତ, ଗୋପାଳକ୍ରିଷ୍ଣନ ମାଙ୍ଗାଲୋର କିନି, ଗୋପାଳକ୍ରିଷ୍ଣନ ସମ୍ପତଗିରି, ଇଣ୍ଡିଆ ବିଜନେସ୍ ଏକ୍ସଲେନ୍ସ ଫଣ୍ଡ ୩, ଏମ୍ ଗଣେଶ କାମଥ, ଏମ୍ ଏ ରୋହିତ, ଏମ ଏ ଶରତ, ଏମଏ ଉଷା ରାଣୀ, ସଙ୍ଗୀତା ଏମ୍ କିନି, ସାହିଦା ଅବଦୁଲ କାଦର, ଶ୍ରୁତି ଜି କିନି, ସୁଜୟ ଲିମିଟେଡ୍, ଭି ସାଇନସେସ୍ ଇନଭେଷ୍ଟମେଂଟ୍ସ ପିଇଟି ଲିମିଟେଡ୍ ଓ ବିବେକ ଦେବରାଜ ଭଳି ଅଂଶଧନକାରୀ ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ସେଥିରୁ ୯୯.୩ କୋଟି ଟଙ୍କାକୁ ଆରଆଣ୍ଡଡି କେନ୍ଦ୍ର, ଉତ୍କର୍ଷ କେନ୍ଦ୍ର ଓ କନେକ୍ଟେଡ୍ କାର୍ଯ୍ୟାଳୟ କ୍ଷେତ୍ର ସ୍ଥାପନ କରିବା ଲାଗି ପୁଞ୍ଜି ବ୍ୟୟ, ୭୩.୫ କୋଟି ଟଙ୍କାକୁ ଗୋଆର ୟୁନିଟ୍, ୧, ୟୁନିଟ୍ ୨ ଓ ବିଶାଖାପାଟଣା କାରଖାନାର କାରଖାନା, ମେସିନ ଓ ଅନ୍ୟାନ୍ୟ ଉପକରଣ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ମୋଲବିଓ ଡାଏଗ୍ନୋଷ୍ଟିକ୍ସକୁ ୨୦୦୦ରେ ସ୍ଥାପନ କରାଯାଇଥିଲା ଏବଂ ଏହାର ପାଂଚଟି କାରଖାନା ମଧ୍ୟରୁ ଗୋଆରେ ଦୁଇଟି, ବିଶାଖାପାଟଣାରେ ଗୋଟିଏ ଏବଂ ବେଙ୍ଗାଲୁରୁରେ ଦୁଇଟି ରହିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ମୋଲବିଓର ସ୍ଥାପିତ କ୍ଷମତା ବାର୍ଷିକ ୩୬୦୦ ଡିଭାଇସ୍ ଏବଂ ୩,୯୦,୦୦,୦୦୦ ଟ୍ରୁନାଟ୍ ଟେଷ୍ଟ କିଟ୍ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ପରିଚାଳନାରୁ ରାଜସ୍ୱ ପରିମାଣ ୧୦୨୦ କୋଟି ଟଙ୍କା ରହିଥିଲା ଯାହା ୨୦୨୩-୨୪ ତୁଳନାରେ ୨୧.୯୮ ପ୍ରତିଶତ ଅଧିକ। ଟିକସ ପରବର୍ତୀ ଲାଭ ୧୩୮.୫ କୋଟି ଟଙ୍କା ହୋଇଛି।

# ପ୍ଲାଷ୍ଟିକ କଟକଣା

ସରକାରଙ୍କ କଟକଣା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଏହା ପଛରେ ବଡ଼ ଡିଲ ରହିଥିବା କୁହାଯାଉଛି। ନଚେତ ପୋଲିସ ଓ ପ୍ରଶାସନ ଆଖି ଆଗରେ କେମିତି ପଲିଥିନ ବିକ୍ରୀ ହେଉଛି ତଥାପି କାର୍ଯ୍ୟାନୁଷ୍ଠାନ କିପରି ହେଉନି ? ପ୍ରତିଦିନ ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପଡୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟାବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟାବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି। ଯେଉଁଠି ମାଟି ଖୋଳିବ ସେଠାରେ ପଲିଥିନ ବାହାରିବ। ନଦୀ-ସମୁଦ୍ରରେ ମଧ୍ୟ ଟନ ଟନ ପଲିଥିନ ରହିଛି। ମାଟି, ପାଣି,ପବନ ସବୁ କିଛି ଏହା ଦ୍ୱାରା ପ୍ରଦୂଷିତ ହେଉଛି। କାରଣ ଏହା ହଜାର ହଜାର ବର୍ଷ ପରେ ମଧ୍ୟ ସେମିତି ରହିଥିବ, ମାଟିରେ ମିଶିନଥିବ। ଏଭଳି ପରିସ୍ଥିତିରେ ଏହାକୁ ମୂଳରୁ ଅର୍ଥାତ ଉତ୍ପାଦନ କେନ୍ଦ୍ରରୁ ବନ୍ଦ କରାଯିବା ଉଚିତ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

*"ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।"*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ତିଆରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ୍ୟ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୁଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ମୁନିଗୁଡାରେ ରାୟଗଡ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାୟଗଡ, (ମହାଭାରତ) : ମୁନିଗୁଡା ବ୍ଲକ ସଦଭାବନା ସଭାଗୃହରେ ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମନୀଷା ଦାଶ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ । ଆଜି ମୋଟ ୯ ୧ ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୭୩ଟି ବ୍ୟକ୍ତିଗତ, ୧୮ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଆଜି ଏହି ଅଭିଯୋଗ ଶୁଣାଣି ଶିବିରରେ ଆଠ ଜଣଙ୍କୁ ଏକଲକ୍ଷ ଦଶହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ । ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ର ପ୍ରତିମା ରାଣୀ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥୀ ସୋରେନ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି ଶିବିର ପରିଚାଳନା କରିଥିବା ବେଳେ ମୁନିଗୁଡା ଥାନା ଅଧିକାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ଧୁନଚନ୍ଦ୍ର ତରାଇ ପାରାଦ୍ୱୀପ ବନ୍ଦର ଗୋପବନ୍ଧୁ



## କ୍ରୀଡା ସଂସଦ ର ନୂତନ ସମ୍ପାଦକ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦର(ଜିକେଏସ) ନୂତନ ସମ୍ପାଦକ ଭାବେ ଧୂନଚନ୍ଦ୍ର ତରାଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଭାରତ କୁ ୱାର୍ଲଡ ମାଷ୍ଟର ଆଥଲେଟରେ ଦୁଇଥର ପ୍ରତିନିଧିତ୍ୱ କରିଛନ୍ତି । ଏତଦବ୍ୟତୀତ ସେ ଜଣେ ଭଲ କବାଡି ଏବଂ ଭଲ ଆଥଲେଟ । ପ୍ରଥମ କାର୍ଯ୍ୟ ଦିନରେ ସେ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଫୁଟବଲ ବାଳକ ବିଭାଗ ର ୪ଟି ଗ୍ରୁପରେ ୩ଟି ମ୍ୟାଚ ଏବଂ ଭଲିବଲ ବାଳକ ଓ ବାଳିକା ବିଭାଗର ୪ଟି ଗ୍ରୁପ ରେ ୧୦ଟି ପ୍ରତିଯୋଗିତା କୁ ସୁଚାରୁ ରୂପେ ତୁଲାଇ ଥିଲେ । ତାଙ୍କୁ ବହୁ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ଜଣାଇଥିବା ବେଳେ ଜିକେଏସ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠି, କ୍ରୀଡା ଉପଦେଷ୍ଟା ରବୀନ୍ଦ୍ର ଦାସ, ଭଲିବଲ କୋଚ ସଞ୍ଜୟ ଦାସ, ପୁରାତନ ଯୁଗ୍ମ ସମ୍ପାଦକ ନିରଞ୍ଜନ ସ୍ୱାଇଁ, କ୍ରିକେଟ ପ୍ରଶିକ୍ଷକ ଜର୍ଜ ପଲ ରବିନସନ, ଟେକ୍ନିକାଲ ମେମ୍ବର ଲିଟାରାମ ହାଇବ୍ରୁ, ବିଶ୍ୱ ରଞ୍ଜନ ଦାସ, ବିପ୍ଳବ କୁମାର ଜେନା ଏବଂ ଗୋପବନ୍ଧୁ କ୍ରୀଡା ସଂସଦ ର ଅନ୍ୟ କର୍ମଚାରୀ ମାନେ ଶ୍ରୀ ତାରାଇଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ।

## କୁଦୋନ ପଦର ଡ୍ୟାମ୍‌ରୁ ଯୁବତୀଙ୍କ ଭାସମାନ ଶବ ଉଦ୍ଧାର

ବିଷମକଟକ, (ମହାଭାରତ) ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତର କୁଦୋନ ପଦର ଡେମ୍‌ରୁ ଆଜି ଏକ ଯୁବତୀଙ୍କ ଶବ ମିଳିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକେ କହିଛନ୍ତି, ଆଜି ସମୋବାର ହାଟକୁ ଯାଉଥିବା ସମୟରେ ଡେମ୍‌ରେ ଏକ ଶବ ଭାସୁଥିବା ଦେଖିଥିଲେ । ସେମାନେ ସରପଞ୍ଚଙ୍କୁ ସୂଚନା ଦେବାପରେ, ବିଷମକଟକ ପୋଲିସ୍ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ବାହାର କରିଥିଲେ । ମୃତକାଙ୍କ ପରିଚୟ କବିତା କୁମ୍ଭୁରିକା (୨୦) ବୋଲି ଜଣାପଡ଼ିଛି । କବିତାଙ୍କ ସ୍ୱାମୀ ନୂଆ ପ୍ରସ୍କା, ବଡ କାଟାପାଇ ଗ୍ରାମର ବୋଲି ଜଣାପଡିଛି । କେବଳ ଏକ ବର୍ଷ ପୂର୍ବରୁ କବିତାଙ୍କ ବିବାହ ହୋଇଥିଲା । ମୃତକା କାଲପାଇ ଗ୍ରାମର ବାସିନ୍ଦା, ପିତା ଦାମୋଦର କୁମ୍ଭୁରିକା ଓ ମାତା ଉଷା ବତିଙ୍କ ସାନଝିଅ । ପରିବାର ଲୋକଙ୍କ କଥା ଅନୁସାରେ, କବିତା ପଛଲା ଦୁଇଦିନ ଧରି ନିଖୋଜ ଥିଲେ । ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସ୍ପଷ୍ଟ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ସଦ୍ ?ଭାବନା ସଭାଗୃହରେ ଆଜି ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାବାସୀଙ୍କ ସମସ୍ୟା, ଅଭିଯୋଗ ଓ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ. କୁମାର, ଗୁଣପୁର ଉପ-ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ, ଜିଲ୍ଲା ଉନ୍ନୟନ ନିର୍ବାହୀ ଅଧିକାରୀ ମନୀଷା ଦାଶ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଆଜିର ଶିବିରରେ ୯ ୧ ଟି ଅଭିଯୋଗ ପ୍ରାପ୍ତ ହୋଇଥିଲା, ସେଥିରୁ ୭୩ ଟି ବ୍ୟକ୍ତିଗତ ଓ ୧ ୮ ଟି ସାମୁହିକ ଦରଖାସ୍ତ ଥିଲା । ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଗ୍ରହଣ କରି, ସେଗୁଡ଼ିକୁ ଯଥାଶୀଘ୍ର ତଦନ୍ତ କରି ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ ପାଇଁ ସମ୍ବନ୍ଧିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୮ଜଣଙ୍କୁ ଜିଲ୍ଲାପାଳଙ୍କ ତରଫରୁ ଏକ ଲକ୍ଷ ଦଶ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ସମାଜ କଲ୍ୟାଣ ପ୍ରତିନିଧି ପ୍ରତିମା ରାଣୀ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥୀ ସୋରେନ, ଲିଡ୍ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ସହିତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ବିକଶିତ ଗାଁ ବିକଶିତ ଓଡ଼ିଶା କାମ ସ୍ଥାନାନ୍ତରିତ ନେଇ ଟଣାଓଟରା

ଲାଞ୍ଜିଗଡ଼, (ମହାଭାରତ): ପ୍ରତ୍ୟେକ ଗାଁରେ ସରକାରଙ୍କ ମୌଳିକ ସୁବିଧା ସୁଯୋଗ ପହଞ୍ଚିବ ।ସରକାରୀ ଯୋଜନାରୁ କେହି ମଧ୍ୟ ବଞ୍ଚିତ ରହିବେ ନାହିଁ । ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଭଳି ରହିଥିବା ସମସ୍ୟା ଦୂର କରିବା ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶାର ଅନୁଦାନ ପ୍ରତ୍ୟେକ ପଞ୍ଚାୟତକୁ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକରେ ମଧ୍ୟ ବିକଶିତ ଗାଁ ବିକଶିତ ଓଡ଼ିଶାର ତିନି କୋଟିରୁ ଉର୍ଦ୍ଧ ଟଙ୍କା ଅନୁଦାନ ଆସିଛି । ଏହି ଅନୁଦାନ ରାଶି ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ କମ ପଡୁଥିବା ବେଳେ ପ୍ରତ୍ୟେକ ପଞ୍ଚାୟତର ଅତି ଆବଶ୍ୟକ କାମ କରିବା ପାଇଁ ଭାଗ ବଣ୍ଟା ହୋଇଛି । ହେଲେ ଏହି ଅନୁଦାନ ଆସିବା ପୂର୍ବରୁ ବ୍ଲକର ପଞ୍ଚାୟତ ମାନଙ୍କରେ ସରପଞ୍ଚ, ସମିତି ସଭ୍ୟ,



ୱାର୍ଡ଼ ମେମ୍ବର ଓ ପଞ୍ଚାୟତବାସୀଙ୍କ ଉପସ୍ଥିତିରେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ରଖାଯାଇଥିଲା ।ଇତି ମଧ୍ୟରେ ସରକାର ବଦଳି ଯାଇଛି ।ହେଲେ ଯେଉଁ ପ୍ରକଳ୍ପ ପାଇଁ ଅନୁଦାନ ରଖା ଯାଇଥିଲା ତାହା ନକରି ସେହି ପ୍ରକଳ୍ପକୁ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି ପଞ୍ଚାୟତର ପତରପଡ଼ା ଠାରେ ।ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ପତରପଡ଼ା କଲବଟ ପାଇ ଚାରିଲକ୍ଷ ଟଙ୍କା ଆସି ଥିବା ବେଳେ କାମ ଆରମ୍ଭ ପୂର୍ବରୁ ଉକ୍ତ ସ୍ଥାନରେ ସୂଚନା ଫଳକ ଲାଗିଛି ।କିନ୍ତୁ କାମ କରିବା ବିଳମ୍ବ ଓ ଦଳ ଗତ ରାଜନୀତି ଯୋଗୁଁ ସେହି ସ୍ଥାନରେ କାମ ନହୋଇ ଗାଁ ଠାରୁ ୨୦୦ ଶହ ମିଟର ଦୂରରେ ଥିବା ଲାଖବାହାଲି-ବାରଗୁଡା ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡକୁ କାମ ସ୍ଥାନାନ୍ତରିତ କରାଯାଇ ସେଠାରେ ମଧ୍ୟ ଅନ୍ୟ ଏକ ସମାନ ସୂଚନା ଫଳକ ଲାଗିଛି ।ହେଲେ ପତରପଡ଼ାରେ କଲବଟ ନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଓ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାରେ ବହୁତ ଅସୁବିଧା ହେଉଛି ।ଲୋକେ କାଠ ପକାଇ ବର୍ଷ ବର୍ଷ ଧରି ବିପଦ ସଂକେତ ଭାବେ ଯାତାୟାତ କରୁଥିବା ବେଳେ ସେହି ସ୍ଥାନରେ ହିଁ କଲଭଟ ନିହାତି ଆବଶ୍ୟକ ରହିଥିବା ବେଳେ ସେହି କାମକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ପତରପଡାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ତେ୍ୱ ଯେଉଁ ସ୍ଥାନରେ କାମ ଆବଶ୍ୟକ ଅଛି ସେହି ସ୍ଥାନରେ କରାଯାଉ ବୋଲି ଲାଖବାହିଲି ପୂର୍ବତନ ସରପଞ୍ଚ ରାମତୁ ମାଝୀ ପ୍ରକାଶ କରିଛନ୍ତି । ଏନେଇଁ ଲାଞ୍ଜିଗଡ ବିଡ଼ିଓ ଙ୍କୁ ପଚାରିବାରୁ ପଞ୍ଚାୟତ ଦାୟିତ୍ୟରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବି ଓ ଘଟଣାର ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ ।

## ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ରଥ ଚକ ଦାବୀ

ଅସ୍ତରଙ୍ଗ, (ମହାଭାରତ) : ଆଜି ଅସ୍ତରଙ୍ଗ ବ୍ଲକରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଙ୍କ ଅଧକ୍ଷତା ରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜକିଶୋର ଜେନା,ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି,ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶିନୀ ପତି, ବିଡ଼ିଓ ସସ୍ମିତା ବେହେରା, ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ବ୍ଲକ ଅଧକ୍ଷା ଆରତୀ ନାୟକ ଉପସ୍ଥିତ ରହିବା ସହ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଯୋଗ ଦେଇଥିଲେ, ସମୁଦାୟ ୧୦୨ ଗୋଟି ଅଭିଯୋଗ ଗ୍ରହଣ କରାଯାଇ ଜନଶୁଣାଣି ଶିବିର ରେ ତୁରନ୍ତ ସମାଧାନ କରାଯିବା ସହ ଆଉ କିଛି ଅଭିଯୋଗ କୁ ବିଭାଗୀୟ ଅଧିକାରୀ ଙ୍କ ନିର୍ଦ୍ଧିଷ୍ଟ ସମୟ ଦିଆଯାଇଛି ସମାଧାନ କରିବାକୁ, ଏହି ଜନ ଶୁଣାଣି ଶିବିର ରେ ପଞ୍ଜିକୃତ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ଶ୍ରୀକ୍ଷେତ୍ର ରୁ ପବିତ୍ର ୫ ଗୋଟି ରଥ ଚକ କାକଟପୁର ମା ମଙ୍ଗଳା ମନ୍ଦିର, ଚତୁର୍ଥା ମୂର୍ତ୍ତୀ ଙ୍କ ଏନ୍ତୁଡ଼ି ଶାଳ ପ୍ରାଚୀ ତଟ ଦେଉଳି ମଠ ଓ ୧୯୯୬ ମସିହା ରେ ଅସ୍ତରଙ୍ଗ ମାଳଦା ଗ୍ରାମ ରୁ ଯାଇଥିବା ଦେବୀ ସୁଭଦ୍ରା ଦାରୁ ସ୍ଥଳୀ ପାଇଁ ଏକ ଅଭିଯୋଗ ସଙ୍ଘ ତରଫରୁ ଜିଲ୍ଲାପାଳ ଙ୍କୁ ଦିଆଯାଇଛି, ଏହି ପ୍ରସଙ୍ଗ ରେ ଜିଲ୍ଲାପାଳ ଙ୍କୁ ମଧ୍ୟ ସଙ୍ଘ ତରଫରୁ ଅବଗତ କରାଯାଇଛି ଯେ ଚଳିତ ବର୍ଷ ଜାନୁଆରୀ ୭ ତାରିଖ ରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ରେ ପ୍ରତିନିଧି ମାନେ ପୁରୀ ଗସ୍ତ କରି ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟ ରେ ଶ୍ରୀ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ରେ ନୀତି ଆୟୋଗ ଙ୍କୁ ସାକ୍ଷାତ କରିବା ସହ ଆଲୋଚନା ମଧ୍ୟ କରିଥିଲେ ।

# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

ଉଦଳା (ମହାଭାରତ )ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୧୩୪ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ ?ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୧୨୧ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୩ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୬ ଗୋଟି ସମସ୍ୟାର ତତ୍ ?କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍




ପାଣ୍ଠିରୁ ୩ ଜଣଙ୍କୁ ୫ ହଜାର ଲେଖାଏଁ ୧୫ ହଜାର, ଦୁଇ ଜଣଙ୍କୁ ୧୦ ହଜାର ଲେଖାଏଁ ୨୦ ହଜାର ଏବଂ ଜଣଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଉଦଳା ଏନଏସି ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ଏସ୍ ?ଏଚ୍ ?ଜି କୁ ପରିବର୍ତ୍ତନ କରି ଟେଣ୍ଡର ମାଧ୍ୟମରେ ନୂତନ ଏସଏଚଜି କୁ ଦାୟିତ୍ୱ ପ୍ରଦାନ, ଉଦଳା ଇଲେକ୍ଟ୍ରି କ୍ଷ୍ଟ୍ରକଚରରୁ ଦୁଗୁଧା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଏବଂ ଥାନା ଛକ ଠାରୁ ବିଶୋଳ ଛକ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି, ପହଣ୍ଡା ଗ୍ରାମର ଠାକୁରାଣୀ ଜମି ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଶାଳଖୁଣ୍ଟା ଏସଏସଡି ଉଚ୍ଚ ବିଦ୍ୟାଳୟ ସୁଇପର, ରାତ୍ର ଜଗୁଆଳ ନିଯୁକ୍ତି, ବଡସିଙ୍ଗାରିଆ ପଞ୍ଚାୟତ ପାଗଡାଦର ଗ୍ରାମରେ ନଳକୂପ ସ୍ଥାପନ ଏବଂ ନୂତନ ରାସ୍ତା ନିର୍ମାଣ, ନାବରା କଲୋନୀରେ ବିସ୍ଥାପନ କରାଯାଇଥିବା ମୁଣ୍ଡା, ଆଦିବାସୀଙ୍କର ସାମୁହିକ ଅଭିଯୋଗ, କପ୍ତିପଦା ବ୍ଲକ ଫୁଲବାଡିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୁର୍ନୀତି ଓ କାର୍ଯ୍ୟରେ ଅବହେଳା, ନୁଦଡିହା ପଂଚାୟତ କୁକୁରଡିମା ତାଳସାହି ଗ୍ରାମ ରାସ୍ତା ଉନ୍ନୟନ କାର୍ଯ୍ୟରେ ଜାମଡିହା ପଞ୍ଚାୟତର ଫଳକ ଲାଗିଥିବାରୁ ଉକ୍ତ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ, ତଳିଆ ଗ୍ରାମର ସର୍ବସାଧାରଣ ରାସ୍ତା ଅବରୋଧକାରୀଙ୍କ କବଳରୁ ମୁକ୍ତ କରିବା, ବଣିଆଗାଁ ଗ୍ରାମକୁ କପ୍ତିପଦା ବିଜ୍ଞାପିତ ଅଞ୍ଚଳ ପରିଷଦର ବାଦ ଦେବା, ଗୋପବନ୍ଧୁନଗର ବ୍ଲକ ବାଲିଯୋଡା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଜୁଳି ସଂଯୋଗ ଓ ତାର ଚର୍ତୁପାର୍ଶ୍ୱର୍ରେ ନୂତନ ପାଚେରୀ ନିର୍ମାଣ, ଖୁଣ୍ଟା ବ୍ଲକ ଡେଙ୍ଗାମ ପଂଚାୟତର ମାଙ୍କିଡିଆ ସାହି ଗ୍ରାମରେ ବିଦ୍ୟୁତ୍ ସଂଯୋଗ, ନାଲୁହା ଏମଆଇପିରେ ବାକି ଥିବା କାଡା ବିଭାଗର କରନାଳୀ କଂକ୍ରିଟ୍ ବଢାଯିବା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ୍ ?, ଭବାନୀ ପଣ୍ଡା, କୈଳାସ ଦନୈକ, ଅଜିତ୍ ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ପଣସପୁଟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି


ମାଲକାନଗିରି, (ମହାଭାରତ) : ଆଜି ଚିତ୍ରକୋଣ୍ଡା ବ୍ଲକ୍ ପଣସପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୧୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା କ୍ଷ ସେଥି ମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୪ ଗୋଟି ଜମିଜମା ସମ୍ବନ୍ଧୀୟ, ୩ ଗୋଟି ଚାକିରୀ ସମ୍ବନ୍ଧୀୟ, ୩୬ ଗୋଟି ଜଙ୍ଗଲ ଜମି ଏବଂ ୬୯ ଗୋଟି ରାସ୍ତା, ସେତୁ, ବିଦ୍ୟାଳୟ କୋଠା, ପାନୀୟ ଜଳ, ମୋବାଇଲ ଟାୱାର ସମ୍ପର୍କିତ ଅଭିଯୋଗ ରହିଥିଲା ।

ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର , ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ଜଙ୍ଗଲ ଜମି ପଟ୍ଟା, ସୁଭଦ୍ରା ଯୋଜନା, ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା ।




# ବିନା ଲିଜରେ ଦିନ ଦ୍ୱିପ୍ରହରରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ

ଆସିକା, (ମହାଭାରତ) : ଆସିକା ର ଜୀବନରେଖା କୁହାଯାଉଥିବା ଦୁଇ ନଦୀ ଋଷିକୂଲ୍ୟା ଓ ବଡ଼ନଦୀ ରହିଛି ।ଏହି ଦୁଇ ନଦୀକୁ ଭିତ୍ତିକରି ଆସିକା ତହସିଲରେ ଋଷିକୂଲ୍ୟା ନଦୀର ମଙ୍ଗଳପୁର,ଓ ବଡ଼ନଦୀ ର ବିଜୁପଟ୍ଟନାୟକ ଛକ ସ୍ଥିତ ନରସିଂହପଲ୍ଲୀ ଓ ବଦନଦୀର ଗହଙ୍ଗୁ, ଧନିଯା, ବାଙ୍ଗରଡ଼ା, ଜଗଦଳପୁର କୁ ଛାଡିଦେଲେ ଅନ୍ୟ କେଉଁଠି ମଧ୍ୟ ଲିଜ୍ ରହିନାହିଁ ।ଗତ କିଛି ବର୍ଷ ହେବ ନଦୀ ମାନଙ୍କର ରକ୍ଷଣା ବେକ୍ଷଣ ଓ ଏହି ଲିଜ ପ୍ରକ୍ରିୟା କୁ ଓଡିଶା ସରକାର ଖଣି ବିଭାଗକୁ ହସ୍ତାନତର କରିଛନ୍ତି । କିନ୍ତୁ ଉଭୟ ତହସିଲ,ସ୍ଥାନୀୟ ପୋଲିସ ଓ ଖଣି ବିଭାଗ ଏହାର ତଦାରଖ ଓ ପରିଚାଳନା ଦାଇତ୍ୱ ରହିଥିଲା ବେଳେ ଏହାର ସମ୍ପୂର୍ଣ ଦାଇତ୍ୱ ଖଣି ବିଭାଗର ରହିଛି । ଆସିକା ତହସିଲ ଇଲାକାରେ କୋଟି କୋଟି ଟଙ୍କାର ନଦୀ ବାଲି, ପଥର କୁଆରୀ, ଗ୍ରାନାଇଟ ପାହାଡ଼ ରହିଥିଲା ବେଳେ ଏହି ଭଳି ଗୋଟିଏ ଗୁରୁତ୍ୱ ପୂର୍ଣ୍ଣ ତହସିଲରେ ଏହି ଖଣି ବିଭାଗୀୟ ଅଧିକାରୀଙ୍କ କୌଣସି କାର୍ଯ୍ୟାଳୟ ଆସିକାରେ ନାହିଁ । ଏହି ଅଧିକାରୀ ମାନଙ୍କ କାହାର ଆସିକା ଅଞ୍ଚଳରେ ଦେଖା ମିଳୁନାହିଁ । ବାଲି



ଚୋରା ଚାଲାଣ କୁ ରୋକିବା ଦାଇତ୍ୱ ପୋଲିସ, ଖଣିବିଭାଗ,ତହସିଲ ରହିଥିଲା ବେଳେ ସ୍ଥାନୀୟ ଭଦ୍ର ଲୋକ, ଗ୍ରାମବାସୀ, ବୁଦ୍ଧିଜୀବୀ ବାରାମ୍ବର ଅଭିଯୋଗ କରିବା ପରେ ବିଭାଗୀୟ ଅଧିକାରୀ ମାନେ ଘଟଣା ସ୍ଥାନରେ ପହଞ୍ଚି ଧର୍ମକୁ ଆଖିଠାର ଭଳି ନିଜ କାର୍ଯ୍ୟ ତୁଲାଉଥିବା ବେଳେ କେବେ ମଧ୍ୟ ନିଜ ଆଡୁ ଚଢ଼ାଉ ହେଉନଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ସରକାର ଆସିକା ତହସିଲରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ବର୍ତ୍ତମାନ ବାଲି ମାଫିଆ ମାନେ ଆସିକା ସୁବର୍ନେଶ୍ୱର ମନ୍ଦିର ନିକଟରେ ଥିବା ଋଷିକୂଲ୍ୟା ନଦୀ ହୁଡ଼ାକୁ କାଟି ଦିନ ଦ୍ୱିପ୍ରହରରେ ନଦୀ ମଧ୍ୟରେ ଦୁଇ ଦୁଇଟି ଜେସିବି ମେସିନ ଦ୍ୱାରା ଦୈନିକ ଶହ ଶହ ବାଲି ହାଇୱା ଚୋରା ଚାଲାଣ ହୋଇ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିଲା ବେଳେ ମାଫିଆ ମାନଙ୍କ ଦ୍ୱାରା କଟାଯାଇଥିବା ନଦୀ ହୁଡ଼ା ଦେଇ ଆସିକା ମଧ୍ୟକୁ ବନ୍ୟା ଜଳ ପସିବା ସମ୍ଭାବନା ଅଧିକ ରହୁଛି । ପ୍ରକାଶ ଥାଉକି ସ୍ଥାନୀୟ ଲୋକଙ୍କ ଠାରୁ ଅଭିଯୋଗ ପାଇ ଅଗଷ୍ଟ ୮ ତାରିଖ ସନ୍ଧ୍ୟା ୫ଟା ସମୟରେ ଧରାକୋଟ ତହସିଲଦାର ଧରାକୋଟ ଖଣି ଅଧିକାରୀ ଆସିକା ସୁବର୍ନେଶ୍ୱର ମନ୍ଦିର ନିକଟରେ ଥିବା ଋଷିକୂଲ୍ୟା ନଦୀରେ ଚଢ଼ାଉ କରି ପ୍ରାୟ ୧୭ ଟି ବାଲି ବୋଝେଇ ହାଇୱା ଥିବାର ଦେଖିବାକୁ ପାଇଥିଲେ । ଆସିକା ତହସିଲ ଓ ପୋଲିସ କୁ ଖବର ଦେବାପରେ ଆସିକା ପୋଲିସ ଘଟଣା ସ୍ଥଳରୁ ଗୋଟିଏ ହାଇୱା କୁ ଜବତ କରି ନିଜ କାମ ସାରି ଦେଇଥିଲା ବେଳେ ପୁଣି ଘଟଣା ଘଟିବା ପର ଦିନଠାରୁ ପ୍ରଶାସନ କୁ ହାତ ବାରିସୀ କରି ବାଲିମାଫିଆ ମାନେ ବେଧଡ଼କ ଭାବେ ଆସିକା ସୁବର୍ନେଶ୍ୱର, କରଞ୍ଜେଇ ପଲ୍ଲୀ, ବେଣାପାଟ ଆଦି ସ୍ଥାନରୁ ଦୈନିକ ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ ହାଇୱା ବାଲି ଚୋରା ଚାଲାଣ କରୁଥିବାର ନଜିର ରହିଛି ।ନିକଟରେ ଆସିକା ଠାରେ ହୋଇଥିବା ଜିଲ୍ଲାପାଳଓ ଆରକ୍ଷୀ ଅଧିକାରୀଙ୍କ ଜନଶୁଣାଣୀ ସମୟରେ ଏହି ବାଲି ଚୋରା ଚାଲାଣ ବିଷୟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିବା ସାଧାରଣ ଜନସାଧାରଣ ଆଲୋଚନା କରୁଛନ୍ତି । ଏଠି ଆସିକା ବୁଦ୍ଧିଜୀବୀ,ଅଞ୍ଚଳ ବାସୀଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି ଯେ କଣ ବାଲିମାଫିଆ ଙ୍କ ନିକଟରେ ପ୍ରଶାସନ ହାର ମାନିଛି ନା ମାଫିଆଙ୍କ ହାତ ବାରିସୀ ସାଜିଛି ?

## ଉପ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହରେ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ ପି -ଏସ ସୁଶ୍ରୀ, ଏସଡ଼ିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ,ସିଡିଓ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମରଦାର, ସି ଡ଼ି ଏମ ଓ ସୁଶାନ୍ତ କୁମାର ଦାସ, ବିଡ଼ିଓ ଭୁବନାନନ୍ଦ ପଟ୍ଟନାୟକ, ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁଙ୍କ ଉପସ୍ଥିତିରେ ଶୁଣାଣି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଭାରପ୍ରାପ୍ତ ଦଶପଲ୍ଲା ଥାନା ଅଧିକାରୀ ଦିଲ୍ଲିପ କୁମାର ଧଳ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ମେଡିକାଲ ଅଫିସର , ଫରେଷ୍ଟର ଓ ଅନ୍ୟ ସମସ୍ତ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଆଜି ମୋଟ ୧୨୯ ଗୋଟି ମାମଲା ମଧ୍ୟରୁ ବ୍ୟକ୍ତିଗତ ୬୩ ଗୋଟି ମାମଲା, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୦୬ ଗୋଟି ମାମଲା, ଗ୍ରାମ୍ୟ ବିବାଦ ୧୭ ଗୋଟି ମାମଲା ଦରଖାସ୍ତ ହୋଇଥିଲା ବେଳେ ତୁରନ୍ତ ୪୩ ଗୋଟି ମାମଲା ତୁରନ୍ତ ଫଇସଲା ହୋଇଥିଲା ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଭିନ୍ନ ହୋଟେଲ ଓ ରେଷ୍ଟୋରେଣ୍ଟରେ ଖାଦ୍ୟ ନିରାପତ୍ତା ଅଧିକାରୀ ମାନଙ୍କ ଚଢ଼ାଉ

ଆସିକା (ମହାଭାରତ):-ଆସିକାରେ ନିମ୍ନ ମାନର ଖାଦ୍ୟ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ବଟା ହେଉଥିବାର ବାରମ୍ବର ଖବର ପ୍ରକାଶନ ପରେ ଆଜି ଉପଖଣ୍ଡ ଖାଦ୍ୟ ନିରାପତ୍ତା ଅଧିକାରୀ ଶୁଭରଞ୍ଜନ ମୁଦୁଲି ଓ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକରୀ ରାଜେଶ କୁମାର ମହାପାତ୍ର ମିଳିତ ଚଢ଼ାଉ କରି ଆସିକା ବସଷ୍ଟାଣ୍ଡ ସ୍ଥିତ ସାଇକୃପା ହୋଟେଲ, ତିରୁମାଲା ହୋଟେଲ, ଓଡିଏନ ହୋଟେଲ, ବିଜୁପଟ୍ଟନାୟକ ଛକ ସ୍ଥିତ ହୋଟେଲ ନିଉଟନ ଆଦିରେ ଚଢ଼ାଉ କରି ୨୧୫୦୦ ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ଉକ୍ତ ହୋଟେଲ ଗୁଡିକରେ ସ୍ୱଚ୍ଛତା, ନିମ୍ନ ମାନର ଖାଦ୍ୟ ପ୍ରସ୍ତୁତି, ଅପରିଷ୍କାର ଭାବେ ରୋସେଶାଳା, ପଚା ଶଢା ପନିପରିବା,ଖାଦ୍ୟ ପ୍ରସ୍ତୁତିରେ ଧାନ ତଣ୍ଡୁର ବ୍ୟବହାର, ଖାଦ୍ୟରେ ରଙ୍ଗ,ଋଇନା ସ୍ଲଟ ର ବହୁଳ ବ୍ୟବହାର,ଘରୋଇ ଗ୍ୟାସ ହାଣ୍ଡି ବ୍ୟବହାର,ଫୁଡ ଲାଇସେନ୍ସ ନଥିବା ଆଦି ଅଭିଯୋଗରେ ଉକ୍ତ ଜୋରିମାନା ଆଦାୟ ହୋଇଛି। ପ୍ରକାଶ ଥାଉକି ଆସିକା ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରେ□ ଖୋଲି ଋଲିଛି । ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚା ଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ



କଲର, ଋଇନା ସ୍ଲଟ ସହିତ ନିମ୍ନ ମାନର ତେଲ ଯାହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି। ହୋଟେଲ ଓ ରେଷ୍ଟୋରେଣ୍ଟ ଗୁଡିକରେ ସ୍ୱଛତା ମଧ୍ୟ ଅତି ନିମ୍ନ ମାନର ଅଭିଯୋଗ ହେଉଛି। ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ହେଲେ ଅଧିକାଂଶ ଖାଦ୍ୟ ସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି। ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନି। ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାର।ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ ର ଉଲ୍ଲଙ୍ଘନ। କାରଣ ଗରିବ ମାନେ ବଡ ଦୋକାନରୁ ଏକ ଜିନିଷ କିଣି ପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି। ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି। ପ୍ରକାଶ ଥାଉକି ଆସିକା ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା ସହିତ ଯେଉଁମାନେ ଏହାର ଉଲ୍ଲଘଂନ କରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋକାନସିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ବିରି ଓ ହରଡ଼ ବିହନ ହେରଫେର ଘଟଣାରେ ଗ୍ରାମ ସେବକ ନାମରେ ସାଙ୍ଘାତିକ ଅଭିଯୋଗ

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରୀ ଗ୍ରାମପଞ୍ଚାୟତ ରେ ଚଳିତ ଖରିଫ ଋତୁରେ ଆସିଥିବା ବିରି ଓ ହରଡ଼ ବିହନରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି ।ଏହି ବିହନ ବୁଣିବା ସମୟ ଅତିବାହିତ ହେବାକୁ ଥିବାବେଳେ ମାନଝରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମ ର ଋଷୀ ମାନେ ବିହୀନ ନପାଇ ପାରିବା ଦୁର୍ଭାଗ୍ୟ ଜନକ କଥା ବୋଲି ଋଷୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମାନଝରୀ ଭି ଏ ଡବ୍ଲୁ ଅସେଶ୍ୱର ଦୁର୍ଗା ମନମୁତାବକ ଫିଲ୍ଡ ପରିଦର୍ଶନ ନକରି ଅଯୋଗ୍ୟ ହିତାଧୀକାରୀ ଙ୍କୁ ବିହନ ବଣ୍ଟନ ଓ ଗ୍ରୀଣ୍ଡୋଲ ଗ୍ରାମର ୧୧ ନମ୍ବର ୱାର୍ଡ଼ ରେ ଏଯାଏଁ ବିହନ ବଣ୍ଟନ କରାଯାଇନଥିବା ବଳେ ୧୦ ନମ୍ବର ୱାର୍ଡ ର ୫ ଜଣ ଋଷୀ ଙ୍କୁ ବିହନ ବଣ୍ଟନ କରାଯାଇଛି ଯାହା ଫଳରେ ଗ୍ରୀଣ୍ଡୋଲ ଗ୍ରାମର ଅନେକ ଋଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏନେଇ ମାନଝରୀ ଭି ଏ ଡବ୍ଲୁ ଶ୍ରୀଦୁର୍ଗା ଙ୍କୁ ଫୋନ୍ ଯୋଗେ ପଋରିବାରୁ ଗ୍ରୀଣ୍ଡୋଲ ଗ୍ରାମର ୧୦ ନମ୍ବର ୱାର୍ଡ କୁ ୫ ଜଣ ଏବଂ ୧୧ ନମ୍ବର ୱାର୍ଡ ର ୫ ଜଣ ଋଷୀ ଙ୍କୁ ବିରି ଓ ହରଡ଼ ବିହନ ପ୍ରଦାନ କରିବାପାଇଁ ଆସି ଅଛି ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଯାହାଫଳରେ ଯେଉଁ ଋଷୀ ମାନଙ୍କୁ ବିରି ଓ ହରଡ଼ ବିହନ ମିଳିନାହିଁ ସେମାନେ କ'ଣ ପାଇଁ ବିହନ ପାଇବାରୁ ବଞ୍ଚିତ ହୋଇଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଋଷୀ ମାନଙ୍କ ଅଭିଯୋଗ କ୍ରମେ ବିରି ଓ ହରଡ଼ ବିହନ ର ବାଟମାରଣା ହେଉଥିବା ରୁ ଜିଲ୍ଲା କୃଷି ଅଧିକାରୀ ଓ ଗୋଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଧ୍ୟାନ ଦେଲେ ଋଷୀ ଉପକୃତ ହେବେ ବୋଲି ଋଷୀ ମହଲରେ ଦାବୀ ହେଉଛି।

## ଗଣେଶ ପୂଜାପାଇଁ ଋଲିଛି ପ୍ରସ୍ତୁତି


ଦଶପଲ୍ଲା,(ମହାଭାରତ): ଆଉ କିଛିଦିନ ପରେ ଗଣେଷ ପୂଜାୟ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନଏସି ଓ ବ୍ଲକର ବିଭିଉନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି ମୂର୍ତ୍ତି ତିଆରି। କାରିଗର ତିଆରି କରୁଛନ୍ତି ଭିନ୍ନଭିନ୍ନ ଓ ସୁନ୍ଦରସୁନ୍ଦର ମୂର୍ତ୍ତି। ଆଉ କିଛି ଅନୁଷ୍ଠାନରେ ଦେଖିବାକୁ ମିଳୁଛି ନିଜେ ଅନୁଷ୍ଠାନ ତରଫରୁ ତିଆରି ଋଲିଛି ଗଣେଷ ମୂର୍ତ୍ତି ।ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୀତାରାମ ଯୁଥ କ୍ଲବ ତରଫରୁ ୧୩ଫୁଟ ର ଗଣେଷ ମୂର୍ତ୍ତି, ରାଜାସାହେବ କ୍ଲବ ତରଫରୁ ୧୧ ଫୁଟର ମୂର୍ତ୍ତି, ରାମସେନା କ୍ଲବ ତରଫରୁ ଭିଉ ସ୍ୱାଦର ଗଣେଶ ମୂର୍ତ୍ତି ତିଆରି ଋଲିଛି। ଏହି ଗଣେଷ ପୂଜା ପାଇଁ ସମସ୍ତ କ୍ଲବ ଏବଂ ଅନୁଷ୍ଠାନ ମାନଙ୍କରେ ପ୍ରସ୍ତୁତି ଜୋରସୋରରେ ଚଳାଇଥିବା ଜଣାପଡ଼ିଛି।

## ଲଗାଣ ବର୍ଷା: ଦୁଇ ଦିନରେ ୩୨ ଘର ଭାଙ୍ଗି ଥିବା ପ୍ରଶାସନ ପକ୍ଷରୁ ସୂଚନା



କରଞ୍ଜିଆ,(ମହାଭାରତ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡବେଡ଼ା ଗ୍ରାମରେ ଶନିବାର ରାତି ରେ ପ୍ରବଳ ବର୍ଷା ହେବାରୁ ଶରତ ଚନ୍ଦ୍ର ମହାନ୍ତ ଗୁହାଳ ରେ ବନ୍ଧା ହୋଇଥିବା ଗାଈ ଉପରେ ମାଟି କାନ୍ଥ ପଡ଼ି ଯାଇ ଗାଇଟି ଉପରେ କାନ୍ଥ ପଡ଼ି ଋପି ହୋଇ ରହିଥିଲା । ଘର ଲୋକ ଅଗ୍ନିଶମ ବିଭାଗ କୁ ଫୋନ କରି ଜଣାଇଥିଲେ ଅଗ୍ନିଶମ ବିଭାଗ କର୍ମଋରୀ ରାତିରେ ରେ ଯାଇଥିଲେ ହେଲେ ରାତି ହୋଇ ଥିବାରୁ ଉଦ୍ଧାର କରିନଥିଲେ ସକାଳେ ଜାଇ ବଳଦକୁ ଉଦ୍ଧାର କରିଥିଲେ ।ଉଦ୍ଧାର ପରେ ଠାକୁରମୁଣ୍ଡା ପଶୁ ଚିକିତ୍ସା ଅଧିକାରୀ ଜାଇ ଚିକିତ୍ସା କରି ଥିଲେ । ସେହିପରି ସେହି ପଞ୍ଚାୟତ ର ସାନ ବାଲିପୋଷି ଗ୍ରାମ ର ଶଙ୍କର ହୋ ଓ ଗୋବରା ହୋ ଙ୍କ ଘର ବର୍ଷା ରେ କାନ୍ଥ ପଡ଼ିଥିବା ଜଣା ପଡ଼ିଛି । ତରାମରା ପଞ୍ଚାୟତ ଯୁଡ଼ାମ ଗ୍ରାମ ର ବୁଧୁନି ହୋ ଙ୍କ ପୁଅ ମଙ୍ଗଳ ହୋ (୧୨) ଙ୍କ ଘର ଉପରେ ଗଛ ପଡ଼ିବାରୁ ଘରଟି ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଛି । ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ଦୁଇଦିନ ରେ ୩୨ଗୋଟି ଘର ଲଗାଣ ବର୍ଷାରେ ଆଂଶିକ ଘର ଭାଙ୍ଗି ଥିବା ତହସିଲ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## କୁମାରଗୁଡା ବୁଢାରଜା ଯୁଥ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




ଲାଞ୍ଜିଗଡ( ମହାଭାରତ) : ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାର ଗୁଡା ବୁାରଜା ଯୁଥ କ୍ଲବର ଉଦ୍ୟମ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟିକରିଛି। ବୁଢ଼ାରଜା ଯୁଥ କ୍ଲବର ସଦସ୍ୟ ମାନେ ଗାଁ ପରିବେଶ, ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହୋଇଛନ୍ତି। ତେବେ ବୁାରଜା ଯୁଥ କ୍ଲବ ପକ୍ଷରୁ ଅନେକ ନିରୀହ ଲୋକଙ୍କୁ ସହାୟତାର ହାତ ବଢେଇ ଆସୁଥିବା ବେଳେ ଆଜି ରୋଘାଗୁଡା ବସଷ୍ଟପ, ରାସ୍ତା କଡରେ ଥିବା ଆବର୍ଜନା ଓ ଅନାବନା ଗଛ କାଟି ପରିଷ୍କାର ପରିଛଉତା ପ୍ରତି ଯତ୍ନବାନ ହେବା ଶହ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। ବୁଢାରଜା ଯୁଥ କ୍ଲବର ସଭାପତି ହରିଶଚନ୍ଦ୍ର ସାହୁ ଓ ସମ୍ପାଦକ ରାଜେଶ ନାଏକ ଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କ୍ଲବର ସଦସ୍ୟା ପିଣ୍ଟୁ ଲାଲସି,ରତିକାନ୍ତ,ସୁଦାମା ହରିଜନ,ସୁମିତ ନାଏକ ଦୟାରମା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଗାଁର ମୁଖ୍ୟ ରାସ୍ତା କଡ଼ରେ ଜମି ରହିଥିବା ପାଣି, ବସ ଷ୍ଟପ, ଅନାବନା ଗଛ ପ୍ଲାଷ୍ଟିକ ଆବର୍ଜନା ସାମଗ୍ରୀ ସଂଗ୍ରହ କରି ରାସ୍ତା ଘାଟ ସଫେଇ କରିଥିଲେ । ଆଗକୁ ପଞ୍ଚାୟତର ସମସ୍ତ ଗାଁରେ ଏଭଳି ସଚେତନା ବାର୍ତ୍ତା ଦେବା ସହ ପରିବେଶ ସୁରକ୍ଷା ଓ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।


## ମାଲକାନଗିରି ଶିକ୍ଷକ ବସନ୍ତ କୁମାର ରଣା ପାଇବେ ଜାତୀୟ ଶିକ୍ଷକ ପୁରସ୍କାର



ମାଲକାନଗିରି(ମହାଭାରତ): ଆଦିବାସୀ ଅଧୁଷିତ ଅଞ୍ଚଳର କୁନି କୁନି ପିଲାଙ୍କୁ ଭଲ ପାଉଥିବା ଶିକ୍ଷକ ଓ ଶିକ୍ଷା କୁ ବୃତ୍ତି ଭାବେ ବାଛି ନେଇଥିବା ଶିକ୍ଷକ, ବସନ୍ତ କୁମାର ରଣାୟ ୨୦୨୫ ମସିହା ପାଇଁ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର। ମାଲକାନଗିରି ଜିଲ୍ଲା ର କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ବସନ୍ତ କୁମାର ରଣା ଚଳିତ ବର୍ଷ ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟିତ ଏହି ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉତ୍ସର୍ଗୀକୃତ । ସେ ଏହି ପୁରସ୍କାର ପାଇଁ ୫୦୦୦୦ ଅର୍ଥ ରାଶି ଓ ମାନ ପତ୍ର ୫ ସେପ୍ଟେମ୍ବର ୨୦୨୫ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ଚିତ୍ତ ରଞ୍ଜନ ପାଣିଗ୍ରାହୀ ଉକ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

## ରାକ୍ଷଣାବେକ୍ଷଣ ଅଭାବରୁ ଷଣ୍ଡକୁଦ ବସ୍ତିରେ ବିପଦ ସାଜିଛି ୧୧ କେଭି ବିଦ୍ୟୁତ ତାର

ପାରାଦୀପ (ମହାଭାରତ): ପାରାଦୀପ ର ସର୍ବ ପୁରାତନ ଷଣ୍ଡକୁଦ ବସ୍ତିରେ ରକ୍ଷଣାବେକ୍ଷଣ ଅଭାବରୁ ୧୧ କେଭି ବିଦୁ୍ତ ତାର ଏବେ ସାଧାରଣରେ ବିପଦ ସୃଷ୍ଟି କରିଛି । ଏହି ବସ୍ତିରେ ୧୭,୧୮ ଓ ୧୯ ତିନୋଟି ୱାର୍ଡ ରେ ପ୍ରାୟ ୩ଲକ୍ଷ ହଜାରରୁ ଉର୍ଦ୍ଧ ଜନସାଧାରଣ ବସବାସ କରିଥିବା ବେଳେ ବସ୍ତି ଦେଇ ଯାଇଥିବା ଏହି ବିଦ୍ୟୁତ ତାର ପୁରୁଣା ତଥା ତଳକୁ ଓହଳି ଛିଣ୍ଡିବାର ବିପଦ ସୃଷ୍ଟି । ଏତଦବ୍ୟତୀତ ବିଭିନ୍ନ ଘରକୁ ଯାଇଥିବା ସର୍ଭିସ ତାର ରାସ୍ତା ମାନଙ୍କଅତି ନିକଟରେ ଓହଳିବା ଏବଂ ଏହାକୁ ତୁରନ୍ତ ଠିକ କରିବାକୁ କର୍ମଋରୀଙ୍କୁ ଜଣାଇବା ସତ୍ତ୍ୱେ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଯଦି ଦୈବାଦ ଏହି ତାର ଛିଣ୍ଡି ବସ୍ତି ଘର ମାନଙ୍କରେ ପଡେ, ତେବେ ଭାୟାବହ ଅଗ୍ନିକାଣ୍ଡ ଘଟି ଅନେକ ଧନଜୀବନ ହାନି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେବେ ଏହି ବିଦ୍ୟୁତ



ରକ୍ଷଣାବେକ୍ଷଣ ପାଇଁ ୪ ଜଣ କର୍ମଋରୀ ନିୟୋଜିତ ହୋଇଥିଲେ ମଧ୍ୟ କାହାରି ଦେଖାଦର୍ଶନ ମିଳୁନାହିଁ। ତେବେ ଏହି ବାବଦରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବସ୍ତି ବାସିନ୍ଦା ମାନେ ଦାବୀ କରିଛନ୍ତି ।

## ବିଲେଇପଦା ଓଭର ବ୍ରିଜ ନିର୍ମାଣ ପାଇଁ ଦାବି କଲେ ଗ୍ରାମବାସୀ

ଯୋଡ଼ା, (ମହାଭାରତ ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବିରି କଳା ଗ୍ରାମ ପଞ୍ଚାୟତ ର ବିଲେଇପଦା ଠାରେ ଓଭର ବ୍ରିଜ ନିର୍ମାଣ ହେବ କେବେ ତାହାକୁନେଇ ଏବେ ଗ୍ରାମବାସୀ ଚିନ୍ତାରେ ଏହି ଗ୍ରାମ ଦେଇ ଯାଉଥିବା ଗାଡି ସବୁ ରିମୁଳୀ – ରୟଜୟମୁଣ୍ଡ।୫୨୦ ନଂ ଜାତୀୟ ରାଜପଥ ଖଣି ଅଞ୍ଚଳ କୁ ସଂଯୋଗ ହୋଇଛି ।ଜାତୀୟ ରାଜପଥ ନିର୍ମାଣ ସମୟରେ ତ୍ରୁଟି ରହିଥିବା ଯୋଗୁଁ ଏହି ଛକ ସ୍ଥାନରେ ଯାନବାହାନ ଓ ଲୋକେ ଯାତାୟାତ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଦୁର୍ଘଟଣା ଘଟୁଛି ।ଦୀର୍ଘ ବର୍ଷ ଧରି ଲୋକଙ୍କ ଯାତାୟାତ ସୁବିଧା ପାଇଁ ଏଠାରେ ଓଭର ବ୍ରିଜ ନିର୍ମାଣ ସହିତ ସର୍ଭିସ ରୋଡ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଉ ନ ଥିବା ଜନସାଧାରଣରେ ଅସନ୍ତୋଷ ଦେଖା ଦେଇଛି ।ରିମୁଳି ରୁ ରାଜାମୁଣ୍ଡା ମଧ୍ୟରେ ଯୋଡା କୁ ସଂଯୋଗ ପୂର୍ବରୁ ୬ କିମି ପୂର୍ବରୁ ରହିଛି ଏହି ଛକ ।ଏଠାରୁ ମୂର୍ଗା ରାସ୍ତା ,ଭାଗଲପୁର୍ ଗ୍ରାମ କୁ ରାସ୍ତା ଓ ଟାଟା ଷ୍ଟିଲ କଲୋନୀ କୁ ରାସ୍ତା ରହିଛି । ବିଭିନ୍ନ ଖଣି ଓ କାରଖାନା ନିକଟରେ ରହିଁଥିବାରୁ ପ୍ରତିଦିନ ଏହି ଛକ ଦେଇ ଶହ ଶହ ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ ଜାତୀୟ ରାଜପଥ ରେ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି ।ଏଠାରେ ଓଭର ବ୍ରିଜ ଓ ରାସ୍ତା ର ଦୁଇ ପାର୍ଶ୍ୱରେ ସର୍ଭିସ ରୋଡ ନ ଥିବାରୁ ଲୋକେ ସବୁବେଳେ ରଙ୍ଗ ରୁଟ ରେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି ।ଜାତୀୟ ରାଜପଥ ର ଏପରି ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନି ହେଉଛି। ଏ ସମ୍ପର୍କରେ ବିରିକଳୟ ସରପଞ୍ଚ ମୁଖ ନାଏକ ଙ୍କୁ ପଋରିବାରୁ ସେ କହିଛନ୍ତି ଯେ,ଏଠାରେ ଦିନକୁ ଦିନ ଟ୍ରକ୍ ଚଳାଚଳ ବୃଦ୍ଧି ପାଉଛି,ଫଳରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଅଣାୟଉ ହୋଇ ପଡୁଚି ।ଲୋକେ ରାସ୍ତାରେ ଯିବା ଆସିବା କରିବା ସମୟରେ ଦୁର୍ଘଟଣା ଘଟୁଛି ।ଏଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଓଭର ବ୍ରିଜ ନିର୍ମାଣ ନିମନ୍ତେ ବହୁ ବାର୍ ଦାବି କରାଯାଇଛି ।ପ୍ରଶାସନ ପକ୍ଷରୁ ଏହାର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଛି,ମାତ୍ର ଏ ପର୍ଯ୍ୟନ୍ତ ଏହାର ନିର୍ମାଣ କରାଯାଇ ନାହିଁ । ଏ ସମ୍ପର୍କରେ ୨୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦୟଦା କହିଛନ୍ତି ଯେ, ଏହି ଜାତୀୟ ରାଜପଥ ର କଣ୍ଡର।,ଓ ବିଲେଇ ପଦା ଠାରେ ଓଭର ବ୍ରିଜ ନିର୍ମାଣ ପାଇଁ ଜିଲ୍ଲାପାଳ ଓ ଜାତୀୟ ରାଜପଥ ବିଭାଗ ଙ୍କ ନିକଟରେ ସେ ଲିଖିତ ଭାବେ ଜଣାଇଛନ୍ତି ।ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ କରାଯାଉ ନ ଥିବାରୁ ରାସ୍ତାରେ ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି ।ଭାରିଯନ୍ ଟ୍ରକ୍ ଚଳାଚଳ ରେ ଡ୍ରାଇଭର ମାନେ ଏହି ରାସ୍ତାରେ ଟ୍ରାଫିକ ନିୟମ ମାନୁ ନ ଥିବାରୁ ବିଶେଷ କରି ଋଲି ଋଲି ଯାଉଥିବା ଲୋକ ଓ ବାଇକ୍ ଆରୋହୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସେ ଦାବି କରିଛନ୍ତି ।

## କାଦୁଅ ରାସ୍ତାରେ ଧାନ ଗଛ ରୁଇ ପ୍ରତିବାଦ କଲେ ଗ୍ରାମବାସୀ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ଅନ୍ତର୍ଗତ ବଡଦେଉଳା - ସାନଦେଉଳା ରାସ୍ତା କାମ ହେଉନଥିବାରୁ ଗ୍ରାମବାସୀ ଧାନ ଗଛ ରୁଇ ପ୍ରତିବାଦ କରିଥିବାର ଦେଖିବାକୁ ମିଳିଛି। ପକ୍କା ସଡକଟିଏ ନିର୍ମାଣ ହେଉନଥିବା ଯୋଗୁଁ ଏହି ଅଞ୍ଚଳରେ ବିକାଶ ଅପହଞ୍ଚ ହୋଇପଡିଛି ।ମାତ୍ର ୩ କିମି ରାସ୍ତା ନିର୍ମାଣ ହୋଇ ପାରୁନାହିଁ। କେବଳ ମନରେଗା ଯୋଜନାରେ ମାଟି ରାସ୍ତାରେ ମାଟି ପକାଇ ଦେଇଥିବାର ଗ୍ରାମବାସୀ କହିଛନ୍ତି ।ବର୍ଷା ଋତୁ କିମ୍ବା ଅଦିନିଆ ବର୍ଷାରେ ଋରିଚକିଆ, ଦୁଇଚକିଆ ଯାନ ଯିବାର ଦୂରର କଥା ଲୋକେ ଋଲି ଋଲି ଯିବାକୁ ପଡୁଛି। ଏହି ସଡକ ଦେଇ ବଡଦେଉଳା, ସାନଦେଉଳା, ଡିମିରିଝୋଲୀ ଗ୍ରାମ ବାସୀନ୍ଦା ସ୍କୁଲ, କଲେଜ, ଦୋକାନ ବଜାର ପାଇଁ ଯାତାୟାତ କରୁଛନ୍ତି। ଏହା ସହ ସ୍ୱଳ୍ପ ଦୂରତା ହେଉଥିବାରୁ ପଡୋଶୀ ରାୟଗଡ ବ୍ଲକର ବୁରୁଜାଙ୍ଗ ଗ୍ରାମ ସମେତ ଅନେକ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିପରି ବଡଦେଉଳା ସ୍କୁଲକୁ ସାନଦେଉଳା ଓ ଡିମିରିଝୋଲୀ ଗ୍ରାମର ବାଳକବାଳିକା ଆସୁଥିବା ବେଳେ ଏହି ତିନି ଗ୍ରାମର ଲୋକେ କଲେଜ ଯିବାକୁ ହେଲେ ରାୟଗଡ ବ୍ଲକର ସେବକପୁର ଯିବାକୁ ପଡୁଛି । ସ୍ୱାସ୍ଥ୍ୟ ପାଇଁ ପାରଳାଖେମୁଣ୍ଡି ୧୮ କିମି ବଡଦେଉଳାରୁ ଓ ଗୁରାଣ୍ଡିକୁ ୧୨ କିମି ଅତିକ୍ରମ କରିବାକୁ ପଡୁଛି । ବାରମ୍ବାର ପଞ୍ଚାୟତ, ବ୍ଲକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଧାନ ଗଛ ରୋପଣ କରିଛୁ ବୋଲି ଅଞ୍ଚଳବାସୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ତେବେ ଏହି ସମସ୍ୟା କେବଳ ବଡଦେଉଳା ଲୋକେ ଅନୁଭବ କରୁଛନ୍ତି ତାହା ନୁହେଁ । ବଡଦେଉଳା ସହ ସାନଦେଉଳା, ଡିମିରିଝୋଲୀ ଗ୍ରାମଲୋକେ ଏହି ମାଟି ରାସ୍ତା ଦେଇ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପାଇଁ ଆରମ୍ଭ କରି ସରକାରୀ କାର୍ଯ୍ୟ ପାଇଁ ନିର୍ଭର କରନ୍ତି । ତେବେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ତିନୋଟି ଗ୍ରାମର ହଜାର ହଜାର ଲୋକେ ଏହି ୩ କିମି ମାଟି ରାସ୍ତା କେବେ ପକ୍କା ସଡକରେ ପରିବର୍ତ୍ତନ ହେଉଛି ତାକୁ ହିଁ ଅପେକ୍ଷା।

## ପାଟଣାରେ ଏଆର୍‌ଟେଲ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ



ପାଟଣା:-(ମହାଭାରତ)ପାଟଣା ବଜାର ମଧ୍ୟରେ ଥିବା ତ୍ରିନାଥ ଡିଜିଟାଲ ପରିସରରେ ଏଆରଟେଲ ପେମେଣ୍ଟ ବ୍ୟାଙ୍କ ଉଦଘାଟିତ ହୋଇ ଯାଇଛି। ଏହି ଅବସରରେ ସୁରେନ୍ଦ୍ର ବାରିକ ଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପଡ଼ପାଟଣା ସରପଞ୍ଚ ବିନତି ବାନାରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟି ବ୍ୟାଙ୍କର ଶୁଭ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏଆରଟେଲ ପେମେଣ୍ଟ ବ୍ୟାଙ୍କ ଟି ଏସ ଏମ ପ୍ରକାଶ ଚନ୍ଦ୍ର ପାତ୍ର ଯୋଗ ଦେଇ ଏହି ବ୍ୟାଙ୍କ ଦ୍ୱାରା ଲୋକେ ଟଙ୍କା ଜମା ଓ ଉଠାଣ ସହିତ ବିଭିନ୍ନ ସୁବିଧା ସହଜରେ ଓ ଶୀଘ୍ର ପାଇପାରିବେ ବୋଲି କହିଥିଲେ।ଏହି ବ୍ୟାଙ୍କ ରେ ସହଜରେ ଖାତା ଖୋଲିବା ସହିତ ଖାତା ଧାରୀଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ବୀମା ଯୋଗାଇ ଦିଆଯିବା ସହିତ ଅଟଳ ପେନସନ ଯୋଜନା, ସରକାରୀ ସବସିଡି ଆସିଲେ କ୍ୟାସ ବ୍ୟାକ,ଦେଶ ଓ ବିଦେଶରୁ ଟଙ୍କା ପଠାଇବା ସୁବିଧା,ଆକର୍ଷଣୀୟ ସୁଧ ପ୍ରଦାନ, ଜଳ କର,ବିଦ୍ୟୁତ କର, ମୋବାଇଲ ରିଋର୍ଜ ଆଦି ସୁବିଧା ଲୋକମାନେ ସହଜରେ ପାଇ ପାରିବେ ବୋଲି ପାଟଣା ଏଆରଟେଲ ବ୍ୟାଙ୍କ ର ମୁଖ୍ୟ ସୁରେନ୍ଦ୍ର ବାରିକ ସୂଚନା ଦେଇଥିଲେ। ଜନସାଧାରଣ ଏହାର ସୁଯୋଗ ନେଇ ବିଭିନ୍ନ ସୁବିଧାର ଲାଭ ଉଠାଇବା ପାଇଁ ନିବଦନ କରିଥିଲେ।

## ଶାନ୍ତି ଶକ୍ତି ଭନରେ ଦାଦି ପ୍ରକାଶମଣିଙ୍କ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ

ଆସିକା (ମହହାଭାରତ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭନରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତତ୍କାଳୀନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣିଙ୍କ ୧୮ ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶାନ୍ତି ଶକ୍ତି ଭନରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଶାନ୍ତି ଶକ୍ତି ଭନ ସଂଋଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଦାଦି ପ୍ରକାଶମଣିଙ୍କ ସ୍ମୃତି ଋରଣ କରିବକ୍ଷ ଅବସରରେ ପ୍ରକାଶ କରିଥିଲେ ଯେ ଦାଦି ପ୍ରକାଶମଣି ପରମାତ୍ମା ଶିବପିତାଙ୍କ ଏକ ବିଶ୍ ଏକ ପରିବାର ସନ୍ଦେଶକୁ ବିଶ୍ ବିଖ୍ୟାତ ଆଧ୍ୟାତ୍ମିକ କ୍ରାନ୍ତି ରେ ପରିଣତ କରିଥିଲେ । ବିଶ୍ ବାସୀଙ୍କୁ ପରମାତ୍ମ ସ୍ନେହ, ସଦ୍ଭାବନା ଓ ବିଶ୍ୱରେ ଭାଇଋରାର ସନ୍ଦେଶ ବିତରଣ କରିବା ଉଦ୍ଦେଶ୍ୟରେ ଦାଦି ପ୍ରକାଶମଣିଜୀଙ୍କ ଅକ୍ଲାନ୍ତ ଉଦ୍ୟମ ସାରା ବିଶ୍ୱର ସହସ୍ରାଧିକ ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ , ଧର୍ମଗୁରୁ, ଶଙ୍କରାର୍ଋ୍ୟ ଓ ପୀଠାଧୀଶଙ୍କୁ ଏଭଳି ପ୍ରଭାବିତ କରିଥିଲା, ଯାହାର ଫଳ ସ୍ୱରୂପ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱରେ ଶାନ୍ତି ଓ ମୈତ୍ରୀ ସ୍ଥାପନ ହେତୁ ସଂଯୁକ୍ତ ରାଷ୍ଟ୍ର ସଂଘ ଦ୍ୱାରା ଲଗାତାର ଛଅ ଥର ଶାନ୍ତି ଦୂତ ପୁରସ୍କାର ପ୍ରାପ୍ତ କରିବାରେ ଏକ ମାତ୍ର ଆଧ୍ୟାତ୍ମିକ ସ୍ୱଚ୍ଛୋସେବୀ ସଂଗଠନ ରୂପେ ବିଶ୍ ଇତିହାସରେ ବିରଳ କିର୍ତ୍ତୀମାନ ସ୍ଥାପନ କରିଛି । ଏହି କାରଣରୁ ଦାଦିଙ୍କ ଅବ୍ୟକ୍ତ ସ୍ମୃତି ଦିବସକୁ ବିଶ୍ ବନ୍ଧୁତ୍ୱ ଦିବସ ରୂପେ ସମଗ୍ର ବିଶ୍ ପାଳନ କରୁଅଛି ।ସ୍ନେହ ମିଳନ କାର୍ଯ୍ୟକ୍ରମରେ ଆସିକା ପୋଷ୍ଟାଲ ଡିଭିଜନର ସୁପରିଟେଣ୍ଡେଣ୍ଟ କର୍ଣ୍ଣେଲ ଦିଲ୍ଲିପ କୁମାର ବେହେରା, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ଚୌଧୁରୀ ଆସ୍କା ମ୍ୟାକ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ବରିଷ୍ଠ ଅଧ୍ୟାପକ ଡକ୍ଟର ଅଭୟ କେଶରୀ ପରିଛା ପଟ୍ଟନାୟକ ବରିଷ୍ଠ ଅଧ୍ୟାପିକା ସ୍ମିତାରାଣୀ ପଣ୍ଡା, ବରିଷ୍ଠ ଅଧ୍ୟାପିକା ନନ୍ଦିତା ଦାସ ଆସିକା ପୋଷ୍ଟାଲ୍ ଡିଭିଜନର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ପରମାନନ୍ଦ କଣ୍ଡ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସହଜ ରାଜ ଯୋଗ ଶିକ୍ଷା ମାନସିକ ଅବସାଦ ଦୂର କରିବା ସହିତ କର୍ମରେ କୁଶଳତା ତଥା ପରିବାର ଓ ସମାଜରେ ପାରସ୍ପରିକ ସମ୍ପର୍କରେ ଏକତା, ସମରସତା ଓ ସହିଷ୍ଣୁତା ଆଦି ଗୁଣର ବିକାଶରେ ସହାୟକ ହେଉଛି ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅତିଥି ଦାଦି ପ୍ରକାଶ ମଣିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବ୍ରହ୍ମାକୁମାରୀ ସୁଜ୍ଞାନୀ ସହଜ ରାଜଯୋଗ ଅଭ୍ୟାସ କରାଇଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଭୂମିକମ୍ପରେ ଥରିଲା ପାକିସ୍ତାନ

ପାକିସ୍ଥାନ : ଭୂମିକମ୍ପରେ ଥରି ଉଠିଥିଲା ଭାରତର ପଡ଼ୋଶୀ ଦେଶ ପାକିସ୍ତାନ । ସୋମବାର ସକାଳ ୫:୩୯ ସମୟରେ ପାକିସ୍ତାନର ଉତ୍ତର ଅଞ୍ଚଳଗୁଡ଼ିକରେ ୪.୩ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (ଘଉଝ) ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ପାକିସ୍ତାନରେ ୩୬.୧୦ ଉତ୍ତର ଅକ୍ଷାଂଶ ଏବଂ ୭୧.୨୬ ପୂର୍ବ ଦ୍ରାଘିମାରେ ୨୫ କିଲୋମିଟର ଗଭୀରତାରେ ଥିଲା । ପାକିସ୍ତାନର ଇସଲାମାବାଦ, ରାୱଲପିଣ୍ଡି ଏବଂ ଖାଇବର ପଖତୁନଖ୍ୱାର କିଛି ଅଂଶରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପ ଝଟକା ଯୋଗୁଁ ଲୋକମାନେ ଘରୁ ବାହାରକୁ ବାହାରି ଆସିଥିଲେ । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଏହି ଭୂମିକମ୍ପ ଯୋଗୁଁ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ନାହିଁ । ଭାରତୀୟ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟର ସଂଯୋଗସ୍ଥଳରେ ଅବସ୍ଥିତ ପାକିସ୍ତାନ ଏକ ଭୂମିକମ୍ପପ୍ରବଣ ଅଞ୍ଚଳ । ପାକିସ୍ତାନ ଗତ କିଛି ସପ୍ତାହ ମଧ୍ୟରେ ଅନେକ ଭୂମିକମ୍ପର ସମ୍ମୁଖୀନ ହୋଇଛି, ଯେଉଁଥିରେ ଅଗଷ୍ଟ ୧୯ ଏବଂ ୨୦ ରେ ୫.୫ ଏବଂ ୩.୭ ତୀବ୍ରତାର ଦୁଇଟି ଭୂମିକମ୍ପ ମଧ୍ୟ ରହିଛି ।

## ୟେମେନର ରାଜଧାନୀ ଉପରେ ଆକ୍ରମଣ କଲା ଇସ୍ରାଏଲୀ

ଇସ୍ରାଏଲୀ : ମଧ୍ୟପ୍ରାଚ୍ୟରେ ଉତ୍ତେଜନା ନିରନ୍ତର ବୃଦ୍ଧି ପାଉଛି । ଏବେ ଇସ୍ରାଏଲୀ ସେନା ୟେମେନର ରାଜଧାନୀ ସାନାର ଅନେକ ସ୍ଥାନରେ ବିମାନ ଆକ୍ରମଣ କରିଛି । ହୁଥି ବିଦ୍ରୋହୀମାନେ ଇସ୍ରାଏଲ ଆଡ଼କୁ ମିଶାଇଲ୍ ମାଡ଼ କରିବା ପାଇଁ ଦାୟୀ ହେବାର କିଛି ଦିନ ପରେ ଏହି ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ଏକ ପାୱାର ପ୍ଲାଣ୍ଟ ଏବଂ ଏକ ପେଟ୍ରୋଲ ଷ୍ଟେସନକୁ ଟାର୍ଗେଟ କରାଯାଇଥିବା ଜଣାପଡ଼ିଛି । ଏକ ରିପୋର୍ଟ ଅନୁଯାୟୀ, ରାଜଧାନୀର ଅନେକ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା, ଯେଉଁଥିରେ ରାଷ୍ଟ୍ରପତି ଭବନ ଏବଂ ଏକ ବନ୍ଦ ସାମରିକ ଏକାଡେମୀ ମଧ୍ୟଭାଗ ସାମିଲ୍ । ସାନାର ଏକ କେନ୍ଦ୍ରୀୟ ଏବଂ ଘନ ଜନବସତି ଅଞ୍ଚଳ ସାବିଏନ୍ ସ୍କୋୟାର ପାଖରେ ପ୍ରବଳ ବିସ୍ଫୋରଣ ଏବଂ ଧୂଆଁ ଉଠୁଥିବା ପ୍ରତ୍ୟକ୍ଷଦର୍ଶୀମାନେ ଦେଖିଥିଲେ । ବିସ୍ଫୋରଣଗୁଡ଼ିକ ବଧିରକାରୀ ଥିଲା । ଆମେ ସମଗ୍ର ଘର ଥରିଥିବା ଅନୁଭବ କଲୁ," ସ୍ଥାନୀୟ ବାସିନ୍ଦା ହୁସେନ ମହମ୍ମଦ କହିଛନ୍ତି । ଅନ୍ୟ ଜଣେ ବାସିନ୍ଦା, ଅହମଦ ଅଲ-ମେଖଲାଫି କହିଛନ୍ତି ଯେ ଆକ୍ରମଣଗୁଡ଼ିକ ଝରକା ଭାଙ୍ଗି ଦେଇଛି ଏବଂ ନିକଟବର୍ତ୍ତୀ କୋଠାଗୁଡ଼ିକୁ ପ୍ରବଳ କ୍ଷତି ପହଞ୍ଚାଇଛି । ଯଦିଓ ଇସ୍ରାଏଲୀ ସରକାର ରବିବାର ଆକ୍ରମଣରେ ଏହାର ସମ୍ପୃକ୍ତିକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାଁନ୍ତି, କିନ୍ତୁ ହାଉଥିଙ୍କ ମିଶାଇଲ୍ ଆକ୍ରମଣକୁ ବାଧା ଦେବା ଏବଂ ମଝି ଆକାଶରେ ଧ୍ୱଂସ କରିବାର କିଛି ଦିନ ପରେ ଏହି ଆକ୍ରମଣ ହୋଇଛି । ରବିବାର ଆକ୍ରମଣରେ ମୃତାହତଙ୍କ କୌଣସି ସରକାରୀ ରିପୋର୍ଟ ଆସିନାହିଁ । ଉଭୟ ପକ୍ଷ ଏପର୍ଯ୍ୟନ୍ତ କ୍ଷୟକ୍ଷତିର ପରିମାଣ କିମ୍ବା ଅପରେସନରେ ଜଡ଼ିତ କୌଣସି ସମ୍ଭାବ୍ୟ ସାମରିକ ଉଦ୍ଦେଶ୍ୟ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିନାହାଁନ୍ତି । ଏଥିସହ ଜାଣିରଖନ୍ତୁ ଯେ, ଇରାନ ସମର୍ଥିତ ହୁଥିମାନେ ଗତ ୨୨ ମାସ ମଧ୍ୟରେ ଲାଲ ସାଗରରେ ଇସ୍ରାଏଲୀ ଏବଂ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ ଏବଂ ମିଶାଇଲ୍ ମାଡ଼ କରିଛନ୍ତି । ଗାଜାରେ ଚାଲିଥିବା ସଂଘର୍ଷ ମଧ୍ୟରେ ପାଲେଷ୍ଟାଇନଙ୍କ ସହ ଏକତା ପାଇଁ ଏହି ସଂଗଠନର କାର୍ଯ୍ୟକଳାପ ବୋଲି କୁହାଯାଇଛି । ସେମାନଙ୍କର ଆକ୍ରମଣର ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିଛି, ଲାଲ ସାଗର ଦେଇ ପ୍ରମୁଖ ଜାହାଜ ଚଳାଚଳ ମାର୍ଗଗୁଡ଼ିକୁ ବାଧାପ୍ରାପ୍ତ କରିଛି । ନଭେମ୍ବର ୨୦୨୩ ରୁ ଡିସେମ୍ବର ୨୦୨୪ ମଧ୍ୟରେ, ହୁଥି ଆତଙ୍କବାଦୀମାନେ ମିଶାଇଲ୍ ଏବଂ ଡ୍ରୋନ ଆକ୍ରମଣରେ ୧୦୦ ରୁ ଅଧିକ ଜାହାଜକୁ ଟାର୍ଗେଟ କରିଥିଲେ ।

## କାଶ୍ମୀରରୁ କନ୍ୟାକୁମାରୀ ସବୁଠି ଜଳପ୍ରଳୟ

ଜମ୍ମୁ କାଶ୍ମୀର : ଆତଙ୍କବାଦୀ ଆକ୍ରମଣରେ ଚିତ୍କାର କରୁଥିବା କାଶ୍ମୀର ଛାତି ପୁଣି ଥରହର । ଏଥରକ କୌଣସି ରକ୍ତର ବୋହିନି ବରଂ ମୂଷଳ ଧାରା ବର୍ଷା ପାଣିରେ ଭାସୁଛି ଜମ୍ମୁ କାଶ୍ମୀରର ଅଧିକାଂଶ ଜିଲ୍ଲା । ଡୋଡା, କଠୁଆ, କିସ୍ତୱାଡ, ଜମ୍ମୁ ସହ ବିଭିନ୍ନ ଜିଲ୍ଲାକୁ ମାଡି ଆସିଛି ଭୟଙ୍କର ବିପଦ । ଏଭଳି ଦୃଶ୍ୟ ପ୍ରାୟତଃ ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶରେ ଦେଖିବାକୁ ମିଳୁଥିବାବେଳେ ଏବେ ସମାନ ଦୃଶ୍ୟ ଦେଶର ଭୂସ୍ୱର୍ଗ ବୋଲାଉଥିବା କାଶ୍ମୀରରେ ସୃଷ୍ଟି ହୋଇଛି । ବିଗତ ୨୭ବର୍ଷର ରେକର୍ଡ ଭାଙ୍ଗିଛି ଚଳିତବର୍ଷର ବର୍ଷା । କେଉଁଠି ପୋଲ ଭାଙ୍ଗିଛି ତ ପୁଣି କେଉଁଠି ଘରଦ୍ୱାର ଭାସୁଛି । ପାହାଡ ଉପରୁ ଖସୁଛି ଆତଙ୍କ, ସେପଟେ ରାସ୍ତାକୁ ଅବରୋଧ କରି ରଖିଛି ବଡ଼ ବଡ଼ ପଥର ଖଣ୍ଡ । କେଉଁଠି ପ୍ରଖରସ୍ରୋତରେ ବୋହୁଛି ବନ୍ୟାପାଣି ତ ପୁଣି କେଉଁଠି ବର୍ଷା ପାଣିରେ ବୁଡ଼ି ରହିଛି ପୂରା ଗାଁ , ସେପଟେ ରାଜସ୍ଥାନ କଥା ନକହିଲେ ଭଲ । ଗାଁଠୁ ସହର ସବୁଠି ପଶିଛି ବର୍ଷା ପାଣି । ଜଳବନ୍ଦୀ ଲୋକଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରୁଛି ଏନ୍‌ଡିଆରଏଫ୍ ଟିମ । ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର ସହ ଦେଶର ଅଧିକାଂଶ ରାଜ୍ୟରେ ମୌସୁମୀ ଓ ଲଘୁଚାପ ବର୍ଷାର ଡବଲ ମାଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

## ଭାରତରେ ପ୍ରବେଶ କରିବାକୁ ଯାଉଛି ଏଆଇ ଜଏଣ୍ଟ ଓପନ ଏଆଇ




ନୂଆଦିଲ୍ଲୀ : ଚାଟଜିପିଟିର ମୂଳ ସଂସ୍ଥା ଓପନ ଏଆଇ ଭାରତରେ ନିଜର ପ୍ରଥମ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଖୋଲିବାକୁ ଯୋଜନା କରୁଛି । ଏହାର ମାର୍କେଟିଂ ଲିଡ୍ ଭାବେ ଓଡ଼ିଶାର ଶୀଳାଦିତ୍ୟ ମହାନ୍ତିଙ୍କୁ ନିଯୁକ୍ତ କରିଛି । ଶୀଳାଦିତ୍ୟ ପୂର୍ବରୁ ମେଟାରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ମେଟା ଏଆଇ ଏବଂ ଫେସବୁକର ମାର୍କେଟିଂ ଲିଡ୍ କରିଥିଲେ । ଶିଲାଦିତ୍ୟଙ୍କ ପାଖରେ ନୋକିଆ, ମାଇକ୍ରୋସଫ୍ଟ ଏବଂ ମେଟା ଭଳି ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକରେ ୧୬ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି । ମେଟାରେ ସେ ଫେସବୁକରୁ ମେଟାକୁ ରିବ୍ରାଣ୍ଡିଂ ଏବଂ ମୋର ଟୁଗେଦର ଭଳି ଅଭିଯାନ ପରିଚାଳନା କରିଥିଲେ । ଓପନଏଆଇର ଏହି ନିଯୁକ୍ତି ଭାରତରେ ଏଆଇ ଗ୍ରହଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୀତିକ ପଦକ୍ଷେପ । ଭାରତ ବର୍ତ୍ତମାନ ଚାଟଜିପିଟିର ଦ୍ୱିତୀୟ ବୃହତ୍ତମ ବଜାର, ଯେଉଁଠାରେ ଗତବର୍ଷ ସାପ୍ତାହିକ ସକ୍ରିୟ ଉପଭୋକ୍ତା ଚାରିଗୁଣ ବୃଦ୍ଧି ପାଇଛି । ଓପନ ଏଆଇ ସରକାର, ବ୍ୟବସାୟୀ, ଡେଭେଲପର ଏବଂ ଶିକ୍ଷାନୁଷ୍ଠାନ ସହିତ ସହଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।

# ଇସ୍ରାଏଲ-ଗାଜା ମଧ୍ୟରେ ଚାଲିଛି ନିରନ୍ତର ଆକ୍ରମଣ: ୧୫ ମୃତ



ଇସ୍ରାଏଲ-ଗାଜା ମଧ୍ୟରେ ଚାଲିଛି ନିରନ୍ତର ଆକ୍ରମଣ । ଇସ୍ରାଏଲ ପୁଣି ଥରେ ଗାଜାର ବିମାନ ଉପରେ କରିଛି ଆକ୍ରମଣ । ଇସ୍ରାଏଲର ବୋମା ବିସ୍ଫୋରଣରେ ୩ ଜଣ ସାମ୍ବାଦିକଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଯାହାର ସୂଚନା ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଦେଇଛନ୍ତି । ଏହି ଆକ୍ରମଣ ଦକ୍ଷିଣ ଗାଜାର ଏକ ହସ୍ପିଟାଲ ଉପରେ କରାଯାଇଛି । ସୂଚନାନୁଯାୟୀ, ଯେଉଁ ସମୟରେ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ୍ ଗାଜା ଦଖଲ କରିବାକୁ ଯୋଜନା ଅନୁମୋଦନ କରୁଥିଲା ସେହି ସମୟରେ ଗାଜାରେ ଆକ୍ରମଣ ହୋଇଛି । ସୁରକ୍ଷା କ୍ୟାବିନେଟଠାରୁ ଅନୁମୋଦନ ପାଇବା ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ଇସ୍ରାଏଲ ସମଗ୍ର ଅଞ୍ଚଳକୁ ପୁଣି ନିୟନ୍ତ୍ରଣ କରିବା ସହିତ ହମାସ ବିରୋଧୀ ବନ୍ଧୁ ଆରବୀୟମାନଙ୍କୁ ହସ୍ତାନ୍ତର କରିବାକୁ ଯୋଜନା କରୁଛି । ସେପଟେ ଗାଜା ପୂର୍ବରୁ ଇସ୍ରାଏଲ ୟେମେନର ରାଜଧାନୀ ସାନାରେ ବିମାନ ଆକ୍ରମଣ କରିଥିଲା । ଇସ୍ରାଏଲୀ ଆକ୍ରମଣରେ ସାନାର ପାୱାର ହାଉସ୍ ଏବଂ ପେଟ୍ରୋଲ ଷ୍ଟେସନ୍ ସମେତ ଅନେକ ଅଞ୍ଚଳକୁ ଟାର୍ଗେଟ କରିଥିଲା । ରାଷ୍ଟ୍ରପତି ଭବନ ନିକଟ ସମେତ ଅନେକ ଅଞ୍ଚଳରେ ବିସ୍ଫୋରଣର ଜୋରଦାର ଶବ୍ଦ ଶୁଣିବାକୁ ମିଳିଥିଲା । ଯେଉଁଥିରେ ରାଷ୍ଟ୍ରପତି ଭବନ ଏବଂ ଏକ ବନ୍ଦ ସାମରିକ ଏକାଡେମୀ ମଧ୍ୟଭାଗ ସାମିଲ୍ । ସାନାର ଏକ କେନ୍ଦ୍ରୀୟ ଏବଂ ଘନ ଜନବସତି ଅଞ୍ଚଳ ସାବିଏନ୍ ସ୍କୋୟାର ପାଖରେ ପ୍ରବଳ ବିସ୍ଫୋରଣ ଏବଂ ଧୂଆଁ ଉଠୁଥିବା ପ୍ରତ୍ୟକ୍ଷଦର୍ଶୀମାନେ ଦେଖିଥିଲେ ।

ଆପଣଙ୍କୁ ଜଣାଇ ରଖୁଛୁ ଯେ, ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କୀ ଇସ୍ରାଏଲରେ ପଶି ଆକ୍ରମଣ କରିଥିଲେ । ଯେଉଁଥିରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ । ହମାସର ଏହି ଆକ୍ରମଣ ପରେ ଇସ୍ରାଏଲ ବର୍ତ୍ତମାନ ପ୍ରତିଶୋଧ ପରାୟଣ ହୋଇ ଜବାବ୍ ଦେଉଛି । ବର୍ତ୍ତମାନ ସୁଦ୍ଧା ଇସ୍ରାଲର ଆକ୍ରମଣ ଜାରି ରହିଛି । ଯାହା ଗାଜାର ଏକ ଧ୍ୱଂସାବଶେଷ ପାଲଟିଛି ।

## ଶ୍ରଦ୍ଧାଳୁ ଭର୍ତ୍ତି ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ, ୮ ମୃତ



ସୋମବାର ଅର୍ଥାତ୍ ଆଜି ବୁଲନ୍ଦସହରରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଯେଉଁଥିରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୩ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, କାସଗଞ୍ଜରୁ ଗୋଗାମେଡି ରାଜସ୍ଥାନକୁ ଜହରବୀର (ଗୋଗାଜୀ) ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁ ଭର୍ତ୍ତି ଟ୍ରାକ୍ଟରକୁ ଏକ ଟ୍ରକ ଧକ୍କା ଦେଇଥିଲା, ଯାହା ଫଳରେ ଏହି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଏବଂ ଦୁଇଜଣ ମହିଳା ମଧ୍ୟ ଅଛନ୍ତି, ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଥିରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ଟ୍ରକଟି ଧାନ ଗୁଣ୍ଡ ବୋଝେଇ କରି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ଦୁର୍ଘଟଣା ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା । ଘଟଣାଟି ବିଳମ୍ବିତ ରାତି ୦୨.୧୦ ରେ ଘଟିଥିଲା । ପୋଲିସ କହିଛି ଯେ ଆରନିଆ ଥାନା ଅଞ୍ଚଳ ଅନ୍ତର୍ଗତ ଆରନିଆ ବାଇପାସରେ ଏକ ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିଥିଲା । ଦୁର୍ଘଟଣା ସମ୍ପର୍କରେ ଜଣାପଡିବା ମାତ୍ରେ, ଆର୍ନିଆ ପୋଲିସ ଏବଂ ନିକଟସ୍ଥ ପୋଲିସ ଷ୍ଟେସନର ପୋଲିସ ଫୋର୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହାପରେ ଜାଣିବାକୁ ପାଇଲେ ଯେ ଟ୍ରାକ୍ଟର-ଟ୍ରଲିଟି ଏକ ଡବଲ-ଡେକର ଥିଲା ଯେଉଁଥିରେ ମୋଟ ୬୧ ଜଣ ଲୋକ ରଫତପୁର ଥାନା ସୋରୋନ ଜିଲ୍ଲା କାସଗଞ୍ଜ ଗ୍ରାମରୁ ଜହରପୀର (ରାଜସ୍ଥାନ)କୁ ଧାର୍ମିକ ତୀର୍ଥଯାତ୍ରା ପାଇଁ ଯାଉଥିଲେ, ସେହି ସମୟରେ ପଛରୁ ଆସୁଥିବା ଏକ କଣ୍ଟେନର ଟ୍ରକ ଟ୍ରାକ୍ଟର-ଟ୍ରଲିକୁ ଧକ୍କା ଦେଇଥିଲା । ଏହି ଧକ୍କାରେ ଟ୍ରାକ୍ଟର-ଟ୍ରଲିଟି ଓଲଟି ପଡ଼ିଥିଲା । ଏହି ଘଟଣାରେ ପ୍ରାୟ ୪୩ ଜଣ ଆହତ ହୋଇଛନ୍ତି ଏବଂ ଆଠ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି । ଏଥିସହ ଜାଣିରଖନ୍ତୁ ଯେ, ପୋଲିସ ଆହତମାନଙ୍କୁ ଉପଯୁକ୍ତ ଉପାୟରେ କୈଳାସ ଖୁର୍ଜା, ଉଏଁଉ ଜାତିୟା ଏବଂ ଉଏଁଉ ମୁନି ହସ୍ପିଟାଲକୁ ପ୍ରାଥମିକ ଚିକିତ୍ସା ପାଇଁ ପଠାଇଛି । ଯେଉଁଥିରେ ଗୁରୁତର ଆହତମାନଙ୍କୁ ଉଚ୍ଚ କେନ୍ଦ୍ରଗୁଡ଼ିକୁ ପଠାଯାଇଛି । ବର୍ତ୍ତମାନ, ୧୦ ଜଣ ଆହତଙ୍କୁ ମେଡିକାଲ କଲେଜ ଆଲିଗଡ଼ରେ ଏବଂ ୧୦ ଜଣ ଆହତଙ୍କୁ ଜିଲ୍ଲା ହସ୍ପିଟାଲ ବୁଲନ୍ଦସହରରେ ଚିକିତ୍ସା କରାଯାଉଛି ଏବଂ ଅନ୍ୟ ୨୩ ଜଣ ଆହତଙ୍କୁ କୈଳାସ ହସ୍ପିଟାଲ ଖୁର୍ଜାରେ ଚିକିତ୍ସା କରାଯାଉଛି । ଆହତମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି ।


## ଭାରତରେ ପ୍ରବେଶ କରିବାକୁ ଯାଉଛି ଏଆଇ ଜଏଣ୍ଟ ଓପନ ଏଆଇ

ନୂଆଦିଲ୍ଲୀ : ଚାଟଜିପିଟିର ମୂଳ ସଂସ୍ଥା ଓପନ ଏଆଇ ଭାରତରେ ନିଜର ପ୍ରଥମ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଖୋଲିବାକୁ ଯୋଜନା କରୁଛି । ଏହାର ମାର୍କେଟିଂ ଲିଡ୍ ଭାବେ ଓଡ଼ିଶାର ଶୀଳାଦିତ୍ୟ ମହାନ୍ତିଙ୍କୁ ନିଯୁକ୍ତ କରିଛି । ଶୀଳାଦିତ୍ୟ ପୂର୍ବରୁ ମେଟାରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ମେଟା ଏଆଇ ଏବଂ ଫେସବୁକର ମାର୍କେଟିଂ ଲିଡ୍ କରିଥିଲେ । ଶିଲାଦିତ୍ୟଙ୍କ ପାଖରେ ନୋକିଆ, ମାଇକ୍ରୋସଫ୍ଟ ଏବଂ ମେଟା ଭଳି ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକରେ ୧୬ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି । ମେଟାରେ ସେ ଫେସବୁକରୁ ମେଟାକୁ ରିବ୍ରାଣ୍ଡିଂ ଏବଂ ମୋର ଟୁଗେଦର ଭଳି ଅଭିଯାନ ପରିଚାଳନା କରିଥିଲେ । ଓପନଏଆଇର ଏହି ନିଯୁକ୍ତି ଭାରତରେ ଏଆଇ ଗ୍ରହଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୀତିକ ପଦକ୍ଷେପ । ଭାରତ ବର୍ତ୍ତମାନ ଚାଟଜିପିଟିର ଦ୍ୱିତୀୟ ବୃହତ୍ତମ ବଜାର, ଯେଉଁଠାରେ ଗତବର୍ଷ ସାପ୍ତାହିକ ସକ୍ରିୟ ଉପଭୋକ୍ତା ଚାରିଗୁଣ ବୃଦ୍ଧି ପାଇଛି । ଓପନ ଏଆଇ ସରକାର, ବ୍ୟବସାୟୀ, ଡେଭେଲପର ଏବଂ ଶିକ୍ଷାନୁଷ୍ଠାନ ସହିତ ସହଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।


## ହସ୍ପିଟାଲ ଉପରେ ଏୟାର ଷ୍ଟ୍ରାଇକ

ନିକଟରେ ନସୀର ହସ୍ପିଟାଲରେ ଅନାହାର ଯୋଗୁ ଛୋଟ ପିଲାମାନଙ୍କୁ ବଞ୍ଚାଇବାରେ ଡାକ୍ତରମାନେ କେମିତି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେକଥା ପୂରା ବିଶ୍ୱକୁ ଦେଖାଇଥିଲେ ମାରିଅମ । ଏହାକୁ ନେଇ ବିଶ୍ୱରେ ବେଶ ଚହଳ ସୃଷ୍ଟି ହୋଇଥିଲା । ଗାଜାରେ ମାନବୀୟ ସହାୟତା ଯୋଗାଣ ବନ୍ଦ କରିଥିବା ଇସ୍ରାଏଲ ଉପରେ ଅନ୍ତର୍ଜାତୀୟ ସ୍ତରରେ ଚାପ ମଧ୍ୟ ସୃଷ୍ଟି ହୋଇଥିଲା । ସମ୍ଭବତଃ ଏଥିପାଇଁ ଇସ୍ରାଏଲ ନସୀର ହସ୍ପିଟାଲରେ ଏୟାର ଷ୍ଟ୍ରାଇକ କରିଥିବା କୁହାଯାଉଛି । ନସୀର ହସ୍ପିଟାଲ ଷ୍ଟ୍ରାଇକରେ ଅଲ ଜଜୀରାର ସାମ୍ବାଦିକ ମହମ୍ମଦ ସଲାମଙ୍କ ମୃତ୍ୟୁ ହୋଇଥିବା ସଂସ୍ଥା ପକ୍ଷରୁ ନିଶ୍ଚିତ କରାଯାଇଛି । ରୟଟର୍ସ ରିପୋର୍ଟ କରିଛି ଯେ ଆକ୍ରମଣରେ ତା'ର କଣ୍ଟ୍ରାକ୍ଟର ହୁସାମ ଅଲ ମସରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଫଟୋଗ୍ରାଫର ହାତେମ ଖାଲେଦ ଆହତ ହୋଇଛନ୍ତି ।

## ମିଗ୍-୨୧ର ଶେଷ ଉଡ଼ାଣ



ବିକାନେର, ୨୬।୮ (ପି.ଟି.): ଭାରତୀୟ ବାୟୁସେନାର ଲଢୁଆ ବିମାନ ମିଗ୍-୨୧ ଇତିହାସ ହେବାକୁ ଯାଉଛି । ୬୨ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ମାସ ୨୬ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମିଗ୍-୨୧ ବିମାନ ଆନୁଷ୍ଠାନିକ ଭାବେ ଅବସର ନେବ । ଏହା ପୂର୍ବରୁ ଗତ ୧୮ ଓ ୧୯ରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ? ମାର୍ଶାଲ ଏପି ସିଂ ରାଜସ୍ଥାନର ନାଲ ଏୟାରଫୋର୍ସ ଷ୍ଟେଶନରୁ ଅନ୍ତିମ ଥର ପାଇଁ ଏହି ଲଢୁଆ ବିମାନକୁ ଉଡ଼ାଇଛନ୍ତି । ସେ ଗୋଟିଏ ଟ୍ରେନିଂ ଶର୍ଟ ଏବଂ ୩ରୁ ୪ଟି ସୋଲୋ ଶର୍ଟ ପୂରଣ କରିଥିଲେ । ଉଡ଼ାଣ ପରେ ଏୟାର ଚିଫ୍ ମାର୍ଶାଲ କହିଛନ୍ତି, ଏହି ଲଢୁଆ ବିମାନରେ ସେ ନିଜର ପ୍ରଥମ ଟ୍ରେନିଂ ନେଇଥିଲେ । ୧୯୮୫ରେ ଆସାମର ତେଜପୁରରେ ସେ ପ୍ରଥମ ଥର ପାଇଁ ମିଗ୍ ?-୨୧ ବିମାନର ଟାଇପ-୭୭ ଭାରିଆଣ୍ଟକୁ ଉଡ଼ାଇଥିଲେ । ସମ୍ପ୍ରତି ବାୟୁସେନା ନିକଟରେ ମିଗ୍-୨୧ର ୨ଟି ସ୍କ୍ୱାର୍ଡନ ରହିଛି । ଉଭୟ ସ୍କ୍ୱାର୍ଡନକୁ ନାଲ୍ ଏୟାରଫିଲ୍ଡରେ ରଖାଯାଇଛି । ତେବେ ସବୁକିଛିର ଏକ ସମୟ ରହିଥାଏ । ମିଗ୍-୨୧ ପ୍ରଯୁକ୍ତି ପୁରୁଣା ହୋଇଗଲାଣି, ଯାହାକୁ ବଜାୟ ରଖିବା ବାୟୁସେନା ପାଇଁ କଷ୍ଟସାଧ ହୋଇପଡ଼ିଛି । ବାୟୁସେନାକୁ ଆଗକୁ ବଢ଼ିବାକୁ ପଡ଼ିବ । ତେଣୁ ଏହି ବିମାନକୁ ଅବସର ଦିଆଯାଉଥିବା ନେଇ ଏୟାର ଚିଫ୍ ମାର୍ଶାଲ ସିଂ କହିଛନ୍ତି । ଉନ୍ନତ ପ୍ରଯୁକ୍ତିବିଦ୍ୟା ସହ ତେଜସ୍, ତେଜସ୍ ଏମ୍‌କେ ୨, ରାଫେଲ, ଏସ୍ୟୁ-୩୦ ଭଳି ବିମାନ ମିଗ୍-୨୧ର ସ୍ଥାନ ନେବେ ବୋଲି ସେ କହିଛନ୍ତି । ରୁଷିଆ ନିର୍ମିତ ଏହି ଯୁଦ୍ଧବିମାନ ୧୯୬୩ ଏପ୍ରିଲରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା ।

## ତିବ୍ବତରେ ବିଶାଳ ଡ୍ୟାମ ନିର୍ମାଣ କରୁଛି ଚାଇନା

ନୂଆଦିଲ୍ଲୀ : ଚାଇନା ତିବ୍ବତର ମେଦୋଗ କାଉଣ୍ଟିରେ ବ୍ରହ୍ମପୁତ୍ର ନଦୀ (ତିବ୍ବତୀୟ ନାମ: ୟାରଲୁଙ୍ଗ ଜାଙ୍ଗବୋ) ଉପରେ ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ଡ୍ୟାମ ନିର୍ମାଣ କରିବାକୁ ଯୋଜନା କରିଛି, ଯାହା ଭାରତ ଓ ବାଂଲାଦେଶରେ ଜଳ ସୁରକ୍ଷା ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି । ଏହି ପ୍ରକଳ୍ପ, ଯାହାର ଖର୍ଚ୍ଚ ପ୍ରାୟ ୧୩୭ ବିଲିୟନ ଡଲାର (୧.୨ ଟ୍ରିଲିୟନ ୟୁଆନ) ହେବ, ଚାଇନାର ଥ୍ରୀ ଗର୍ଜେସ ଡ୍ୟାମକୁ ଅତିକ୍ରମ କରି ବିଶ୍ୱର ସବୁଠାରୁ ବୃହତ ଜଳବିଦ୍ୟୁତ ପ୍ରକଳ୍ପ ହେବ । ଏହା ପ୍ରତିବର୍ଷ ୩୦୦ ବିଲିୟନ କିଲୋୱାଟ ଆୱାର ବିଦ୍ୟୁତ ଉତ୍ପାଦନ କରିବ, ଯାହା ବ୍ରିଟେନର ମୋଟ ବାର୍ଷିକ ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିପାରିବ । ଭାରତ ସରକାରଙ୍କ ଏକ ଆକଳନ ଅନୁସାରେ, ଏହି ଡ୍ୟାମ ଶୁଷ୍କ ଋତୁରେ ବ୍ରହ୍ମପୁତ୍ରର ଜଳପ୍ରବାହକୁ ୮୫% ପର୍ଯ୍ୟନ୍ତ ହ୍ରାସ କରିପାରେ, ଯାହା ଭାରତର ଉତ୍ତର-ପୂର୍ବାଞ୍ଚଳ, ବିଶେଷତଃ ଅରୁଣାଚଳ ପ୍ରଦେଶ ଓ ଆସାମର କୃଷି, ଜଳସେଚନ ଓ ପାନୀୟ ଜଳ ଉପରେ ଗଭୀର ପ୍ରଭାବ ପକାଇବ । ଡ୍ୟାମ ନିକଟରେ ଥିବା ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଚାଇନାର ଭୂଖଣ୍ଡ ଦାବି ଏହି ପ୍ରକଳ୍ପକୁ ଆହୁରି ଜଟିଳ କରୁଛି । ଭାରତୀୟ ଅଧିକାରୀମାନେ ଆଶଙ୍କା କରୁଛନ୍ତି ଯେ, ସଂଘର୍ଷ ସମୟରେ ଚାଇନା ଏହି ଡ୍ୟାମ ବ୍ୟବହାର କରି ଜଳପ୍ରବାହକୁ ନିୟନ୍ତ୍ରଣ କରି ପାଣିକୁ ଅସ୍ତ୍ର ଭାବେ ବ୍ୟବହାର କରିପାରେ, ଯାହା ସୀମାନ୍ତ ଅଞ୍ଚଳରେ ବନ୍ୟା ସୃଷ୍ଟି କରିବ । ଚାଇନାର ବୈଦେଶିକ ମନ୍ତ୍ରଣାଳୟ ଦାବି କରିଛି ଯେ, ଏହି ପ୍ରକଳ୍ପ ସୁରକ୍ଷା ଓ ପରିବେଶ ସୁରକ୍ଷା ନେଇ କଡ଼ା ବୈଜ୍ଞାନିକ ଗବେଷଣା ପରେ ଆରମ୍ଭ ହୋଇଛି ଏବଂ ଏହା ଭାରତ ଓ ବାଙ୍ଗଲାଦେଶ ଭଳି ନିମ୍ନବାହୀ ଦେଶଗୁଡ଼ିକର ଜଳସମ୍ପଦ, ପରିବେଶ ଓ ଭୂତାତ୍ତ୍ୱିକ ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ । ଚାଇନା କହିଛି ଯେ, ଏହା ୨୦୦୬ ଠାରୁ ଭାରତ ଓ ୨୦୦୮ ଠାରୁ ବାଂଲାଦେଶ ସହିତ ଜଳବିଜ୍ଞାନ ତଥ୍ୟ ଆଦାନପ୍ରଦାନ କରୁଛି ଏବଂ ବନ୍ୟା ନିୟନ୍ତ୍ରଣ ଓ ବିପର୍ଯ୍ୟୟ ପ୍ରଶମନରେ ସହଯୋଗ କରୁଛି । ଚାଇନାର ଏହି ପ୍ରକଳ୍ପକୁ ମୁକାବିଲା କରିବା ପାଇଁ ଭାରତ ଅରୁଣାଚଳ ପ୍ରଦେଶରେ ସିଆଙ୍ଗ ନଦୀ ଉପରେ ସିଆଙ୍ଗ ଅପର ମଲ୍ଟିପର୍ପସ ପ୍ରୋଜେକ୍ଟ (ଝଟଗଚ) ନାମକ ଏକ ୧୧,୦୦୦ ମେଗାୱାଟ ଜଳବିଦ୍ୟୁତ ଡ୍ୟାମ ନିର୍ମାଣ ଯୋଜନାକୁ ତ୍ୱରାନ୍ୱିତ କରିଛି । ଏହି ଡ୍ୟାମର ୯ ବିଲିୟନ ଘନମିଟର ଜଳ ସଂରକ୍ଷଣ କ୍ଷମତା ରହିବ, ଯାହା ଶୁଷ୍କ ଋତୁରେ ଜଳ ନିୟନ୍ତ୍ରଣ ଓ ବନ୍ୟା ରୋକିବାରେ ସହାୟକ ହେବ । ତେବେ, ଏହି ପ୍ରକଳ୍ପ ସ୍ଥାନୀୟ ଆଦି ଜନଜାତିଙ୍କ ବିରୋଧ ସାମ୍ନା କରୁଛି, ଯେଉଁମାନେ ନିଜ ଗାଁ ଓ ଜୀବିକା ନଷ୍ଟ ହେବା ଆଶଙ୍କା କରୁଛନ୍ତି ।

## ଶତ୍ରୁ ଏବେ ଲୁଚିବାକୁ ପାଇବେନି ଜାଗା, ଏକାଥରେ ୩୦୦ ବ୍ରହ୍ମୋସ ମିଶାଇଲ ପକାଇବ ଭାରତ



ନୂଆଦିଲ୍ଲୀ : ଭାରତ ମହାସାଗରରେ ଚାଇନା ଏବଂ ପାକିସ୍ତାନର ବର୍ଦ୍ଧିତ କାର୍ଯ୍ୟକଳାପକୁ ଧ୍ୟାନରେ ରଖି, ଭାରତୀୟ ନୌସେନା ନିରନ୍ତର ତାର କ୍ଷମତା ବୃଦ୍ଧି କରୁଛି । ଏହି କ୍ରମରେ, ନୀଳଗିରି ଶ୍ରେଣୀର ଷ୍ଟେଲ୍ଥ ଫ୍ରିଗେଟ ଉଦୟଗିରି ଏବଂ ହିମଗିରିକୁ ନୌବାହିନୀରେ ସାମିଲ କରାଯିବ । ଉଭୟ ଫ୍ରିଗେଟ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ସୁପରସୋନିକ ଆଣ୍ଟି-ସିପ ମିଶାଇଲ ବ୍ରହ୍ମୋସ ସହିତ ସଜ୍ଜିତ କରାଯାଇଛି । ଏହି ପଦକ୍ଷେପ ଭାରତୀୟ ନୌସେନାର ସାମୁଦ୍ରିକ ଶକ୍ତିକୁ ଆହୁରି ମଜବୁତ କରୁଛି । ଏପର୍ଯ୍ୟନ୍ତ ନୌସେନାରେ ୧୪ଟି ଗାଇଡେଡ ମିଶାଇଲ ଷ୍ଟେଲ୍ଥ ଫ୍ରିଗେଟ ସାମିଲ କରାଯାଇଛି । ପ୍ରତ୍ୟେକ ଯୁଦ୍ଧଜାହାଜରେ ୮ଟି ଭର୍ଟିକାଲ ଲଞ୍ଚ ବ୍ରହ୍ମୋସ ମିଶାଇଲ ସ୍ଥାପିତ ହୋଇଛି । ତଲୱାର ଶ୍ରେଣୀର ୬ଟି ଜାହାଜ ମଧ୍ୟରୁ ୪ଟି ବ୍ରହ୍ମୋସ ସହିତ ସଜ୍ଜିତ ହୋଇସାରିଛି, ବାକି ୨ଟି ଉପରେ କାମ ଚାଲିଛି । ଭାରତ-ରୁଷିଆ ଚୁକ୍ତି ଅନୁଯାୟୀ, ଆହୁରି ୪ଟି ତଲୱାର ଶ୍ରେଣୀର ଫ୍ରିଗେଟ ନିର୍ମାଣ କରାଯାଇଥିଲା, ଯେଉଁଥିରୁ ଦୁଇଟି (ତୁଷିଲ ଏବଂ ତମାଲ) ନୌସେନାରେ ସାମିଲ କରାଯାଇଛି । ୨୦୩୦ସୁଦ୍ଧା, ଭାରତୀୟ ନୌସେନାରେ ମୋଟ ୨୦ଟି ଗାଇଡେଡ ମିସାଇଲ ଫ୍ରିଗେଟ ଏବଂ ୧୩ଟି ବିଧ୍ୱଂସକ ରହିବ । ଏହାର ଅର୍ଥ ହେଉଛି ଯେ ଭବିଷ୍ୟତରେ ଭାରତୀୟ ନୌସେନା ଏକକାଳୀନ ୩୦୦ରୁ ଅଧିକ ବ୍ରହ୍ମୋସ କ୍ଷେପଣାସ୍ତ୍ର ନିକ୍ଷେପ କରିବାର କ୍ଷମତା ରଖିବ । ପ୍ରୋଜେକ୍ଟ ୧୭ଇ ଅଧୀନରେ ନୀଳଗିରି ଶ୍ରେଣୀର ଫ୍ରିଗେଟ ନିର୍ମାଣ କରାଯାଉଛି । ଏଥିପାଇଁ ମୋଟ ୭ଟି ନୀଳଗିରି ଶ୍ରେଣୀର ଜାହାଜ ପ୍ରସ୍ତୁତ କରାଯାଉଛି । ଏଥିମଧ୍ୟରୁ ଓଘଝ ନୀଳଗିରି, ଉଦୟଗିରି ଏବଂ ହିମଗିରି ନୌସେନାରେ ସାମିଲ ହୋଇସାରିଛନ୍ତି । ସମସ୍ତ ଜାହାଜର ୭୫ ପ୍ରତିଶତ ଉପକରଣ ସ୍ୱଦେଶୀ କମ୍ପାନୀଗୁଡ଼ିକଠାରୁ ନିଆଯାଇଛି । ଏହାର ଡିଜାଇନ ଏବଂ ଇସ୍ପାତ ମଧ୍ୟ ସମ୍ପୂର୍ଣ୍ଣ ଭାରତରେ ନିର୍ମିତ । ଏହି ପ୍ରକଳ୍ପ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଏକ ମାଇଲଖୁଣ୍ଟ ।

## ପ୍ରଥମ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ମହୋତ୍ସବ ଉଦଯାପିତ

# ଶୀର୍ଷରେ ରହିଲେ ଓଡ଼ିଶା, ମଧ୍ୟପ୍ରଦେଶ ଏବଂ କେରଳ







ନୂଆଦିଲ୍ଲୀ, ୨୫।୮ : ଜାମ୍ମୁକାଶ୍ମୀରର ଶ୍ରୀନଗରସ୍ଥିତ ଡାଲ୍ ହ୍ରଦରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଖେଲୋ ଇଣ୍ଡିଅ। ଜଳକ୍ରୀଡା ମହୋତ୍ସବରେ ମଧ୍ୟପ୍ରଦେଶ, ଓଡ଼ିଶା ଏବଂ କେରଳ ଶ୍ରେଷ୍ଠ ତିନୋଟି ରାଜ୍ୟ ଭାବରେ ଉଭା ହୋଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏବଂ ଜାମ୍ମୁ ଓ କାଶ୍ମୀର କ୍ରୀଡ଼ା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ଜାତୀୟ ସ୍ତରର ପ୍ରତିଯୋଗିତା ଦେଶର ଜଳ କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ ଇତିହାସ ରଚିଛି।

ଏଥିରେ ଭାଗ ନେଇଥିବା ଖେଳାଳୀ ଓ ପ୍ରଶିକ୍ଷକମାନେ ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ପାଇଁ ଯଥେଷ୍ଟ ଅଭିଜ୍ଞତା ହାସଲ କରିଥିବା କହିଛନ୍ତି। ପ୍ରତିଯୋଗିତାରେ ଖେଳାଳୀମାନେ ମୋଟ୍ ୨୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିମଧ୍ୟରୁ ୧୦ଟି ସ୍ୱର୍ଣ୍ଣ କେବଳ ରୋଇଂ ଖେଳରୁ ମିଳିଛି। ପ୍ରତିଯୋଗିତାରେ କାୟାକିଙ୍ଗ, କୋଟିଂ, ରୋଇଂ ଆଦି ବର୍ଗରେ ମୁକାବିଲା ହୋଇଥିଲା ଭୋପାଳ ଏବଂ କେରଳର ଆଲାପୁଝା ସ୍ଥିତ ଜଳ କ୍ରୀଡ଼ା କେନ୍ଦ୍ରରେ ତାଲିମ ନେଇଥିବା ଖେଳାଳୀମାନେ ଏଠାରେ ଭଲ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେହିପରି ଓଡ଼ିଶାର ଜଗତପୁରସ୍ଥିତ ସାଇ କେନ୍ଦ୍ରରେ ତାଲିମ ନେଉଥିବା ରସ୍ମିତା ସାହୁ, ବିଦ୍ୟା ଦେବୀ ଓଇନମ୍ ଏବଂ ଶ୍ରୁତି ତାନାଜୀ ଚୌଗୁଲେଙ୍କ ପରି ପ୍ରତିଭାବାନ ଖେଳାଳୀ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ସାରା ଭାରତରେ ପାଞ୍ଚଟି ସାଇ କେନ୍ଦ୍ରରେ ତାଲିମ ନେଉଥିବା କାୟାକର ଏବଂ କାନୋଇଷ୍ଟଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ୪୭ ଜଣ ସାଇ ଆଥଲେଟ୍ ପାଞ୍ଚଟି ସ୍ୱର୍ଣ୍ଣ, ସାତଟି ରୌପ୍ୟ ଏବଂ ତିନୋଟି କାଂସ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଜଗତପୁର ସାଇ କେନ୍ଦ୍ରର ୧୫ଜଣ ଖେଳାଳୀ ଭାଗ ନେଇ ତିନୋଟି ସ୍ୱର୍ଣ୍ଣ ଏବଂ ପାଞ୍ଚଟି ରୌପ୍ୟ ସହିତ ସର୍ବୋତ୍ତମ ପ୍ରଦର୍ଶନ କରିଥିଲେ।

ନୂଆ କ୍ରୀଡ଼ା ନୀତି ଅଧୀନରେ ଖେଳାଳୀମାନଙ୍କୁ ସୁଧାର ପାଇଁ ସୁଯୋଗ ଦେବା ଲାଗି ଖେଲୋ ଇଣ୍ଡିଅ। ଜଳ କ୍ରୀଡ଼ା ମହୋତ୍ସବ ଯୁଗାନ୍ତକାରୀ ହେବ ଏହା ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ(ଟପ୍ସ) ଏବଂ ଟାର୍ଗେଟ ଏସୀୟ ଗେମ୍ସ ଗ୍ରୁପ (ଟିଏଜିଜି) ଯୋଜନା ମାଧ୍ୟମରେ ସରକାରଙ୍କ ସମର୍ଥନକୁ ଆଉ ପାଦେ ଆଗେଇ ନେଇଛି। ଏହି ପ୍ରତିଯୋଗିତାରୁ ମିଳିଥିବା ଅନୁଭୂତି ଆସନ୍ତା ବର୍ଷ ଜାପାନରେ ହେବାକୁ ଥିବା ଏସୀୟ ଗେମ୍ସରେ ବିଶେଷ ସହାୟକ ହୋଇପାରିବ।

କେବଳ କାୟାକିଂ ଏବଂ କାନୋଇଂରେ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡାରେ ୩୦ରୁ ଅଧିକ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ରହିଛି ଭାରତ ନିଶ୍ଚିତ ଭାବରେ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପଦକ ଜିତିବା ବିଷୟରେ ଚିନ୍ତା କରିପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।ଓଡ଼ିଶା ଏବଂ କେରଳରେ ସାଇ ଜାତୀୟ ଉତ୍କର୍ଷ କେନ୍ଦ୍ର ସହିତ ଜଡିତ ପ୍ରଶିକ୍ଷକମାନେ ଏହି ପ୍ରତିଯୋଗିତାକୁ ନେଇ ଉତ୍ସାହ ପ୍ରକାଶ କରିଛନ୍ତି।

ଜଗତପୁରର ପ୍ରଶିକ୍ଷକ ଲାଇଶରମ ଜନସନ ସିଂହ କହିଛନ୍ତି ଯେ ଓଡ଼ିଶାର ପ୍ରଦର୍ଶନ ଭାରତର ଜଳକ୍ରୀଡା ପରିଦୃଶ୍ୟରେ ପରିବର୍ତ୍ତନର ସଙ୍କେତ ଦେଉଛି। ଏହା ଓଡ଼ିଶାର ପାଇଁ କେବଳ ଆରମ୍ଭ ପ୍ରତିଭା ପୁଳ ଗଭୀର ଏବଂ ଅଧିକ ନିବେଶ ଓ ସମର୍ଥନ ସହିତ ଆମେ ଶୀଘ୍ର ନେତୃତ୍ୱ ନେବୁ।

# ରୌପ୍ୟ ବିଜୟୀ ପୁରୁଷ ହକି ଦଳକୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୨୫।୮ : ୧୫ତମ କନିଷ୍ଠ ଜାତୀୟ ହକି ଚାମ୍ପିୟନସିପ୍ର ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ହକି ଦଳକୁ ଆଜି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ପୁରୁଷ ହକି ଦଳର ଏହି ସଫଳତା ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଭବିଷ୍ୟତରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ପଦକ ଅର୍ଜନ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବା ନିମନ୍ତେ ସମସ୍ତ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଛନ୍ତି।ଏଥିସହ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଗୌରବମୟ ଜୟଯାତ୍ରା ଆଗକୁ ମଧ୍ୟ ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ପ୍ରେସିଡେଣ୍ଟ ଦିଲୀପ ତିର୍କୀ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଶନିବାର ସୁରଜତ ହକି ଷ୍ଟାଡିୟମ୍ରେ ଖେଳାଯାଇଥିବା ହରିୟାଣା ବିପକ୍ଷ ଫାଇନାଲ୍ରେ ଶେଷ ମିନିଟ୍ରେ ଗୋଲ୍ ବରଣ କରି ଓଡ଼ିଶା ସ୍ୱର୍ଣ୍ଣ ପଦକ ସୁଯୋଗ ହାତଛଡ଼ା କରିଥିଲା। ପ୍ରଥମ କ୍ୱାର୍ଟର ଗୋଲ୍ଶୂନ୍ୟ ବିତିବା ପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଦୀପକ ପ୍ରଧାନ (୧୭ ମିନିଟ୍) ଓ ପ୍ରତାପ ଟୋପ୍ପୋ (୧୯ ମିନିଟ୍) ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ଲଗାତାର ଗୋଲ୍ ଦେଇ ଓଡ଼ିଶାକୁ ଆଗୁଆ କରିଥିଲେ

ତୃତୀୟ କ୍ୱାର୍ଟର ଗୋଲ୍ଶୂନ୍ୟ ରହିବାରୁ ଓଡ଼ିଶା ଶେଷ ୧୦ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଆଗୁଆ ଥିଲା। କିନ୍ତୁ ଏହି ପର୍ଯ୍ୟାୟରେ ଓଡ଼ିଶା ରକ୍ଷଣଭାଗକୁ ହରିୟାଣା ଖେଳାଳି ବାରମ୍ବାର ଭେଦ କରିବାରେ ସକ୍ଷମ ହୋଇଥିଲେ। ଫଳରେ ୫୦ ମିନିଟରେ ଚିରାଗ ଏବଂ ୫୧ ଓ ୬୦ ମିନିଟ୍ରେ ନୀତିନ ଗୋଲ୍ ଦେଇ ଓଡ଼ିଶା ହୃଦୟକୁ ଭାଙ୍ଗି ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ ହକି ପଞ୍ଜାବ ସୁଟ୍ ଆଉଟ୍ରେ (୪-୩)ରେ ଜିତି କାଂସ୍ୟ ପଦକ ହାସଲ କରିନେଇଥିଲା। ନିୟମିତ ସମୟରେ ଏହି ମ୍ୟାଚ୍ ୩-୩ରେ ଶେଷ ହୋଇଥିଲା ।

# ବିସିସିଆଇରୁ ଓହରିଲା ଡ୍ରିମ ୧୧




ନୂଆଦିଲ୍ଲୀ, ୨୫।୮ : ଫାଣ୍ଟାସି ସ୍ପୋଟର୍ସ କମ୍ପାନୀ ଡ୍ରିମ ୧୧ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ସ୍ପନସରଶିପ୍ ଚୁକ୍ତିରୁ ଓହରି ଯାଇଛି। ଏଥିଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ନୂଆ ସ୍ପନସର ଖୋଜା ପ୍ରକ୍ରିୟା ଆରମ୍ଭ କରାଯାଇଛି। କିନ୍ତୁ ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ୍ ପୂର୍ବରୁ ଟିମ ଇଣ୍ଡିଆକୁ ନୂଆ ସ୍ପନସର ମିଳିବାର ସମ୍ଭାବନା ଖୁବ କମ୍।

ସଂସଦରେ ପାରିତ ହୋଇଥିବା ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍ଲାଇନ୍ ଗେମିଂ ଆଇନ ଅଧୀନରେ ଭାରତ ସରକାର ରିୟଲ ମନି ଗେମିଂକୁ ବ୍ୟାନ କରିଥିବାରୁ ଡ୍ରିମ୍ ୧୧ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି।ଡ୍ରିମ୍୧୧ ସହ ଚୁକ୍ତି ଶେଷ ହୋଇଥିବା ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ସରକାରଙ୍କ ଗାଇଡ୍ଲାଇନ କାରଣରୁ ବିସିସିଆଇ ଡ୍ରିମ୍ ୧୧ ଏବଂ ଏହା ଭଳି ଗେମିଂ କମ୍ପାନୀ ସହ ସ୍ପନସରଶିପ୍ ସମ୍ପର୍କ ରଖିପାରିବ ନାହିଁ। ନୂଆ କଟକଣା ଆଧାରରେ ଡ୍ରିମ୍ ୧୧ ସହିତ ଆମର କୌଣସି ସମ୍ଭାବନା ନାହିଁ।ଏଣୁ ଆମେ ସେମାନଙ୍କ ସହ ରହିପାରିବୁ ନାହିଁ ଏବଂ ଆମେ କିଛି ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛୁ ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସ୍ପନସରଶିପ ସ୍ଥାନ ଖାଲି ରହିଛି। ଏ କ୍ଷେତ୍ରରେ କିଛି ଅପଡେଟ୍ ହେଲେ ଜଣାଇବୁ ବୋଲି ସାଇକିଆ କହିଛନ୍ତି। ୨୦୨୩ରେ ୩୫୮ କୋଟି ଟଙ୍କାରେ ଡ୍ରିମ୍ ୧୧ ଭାରତୀୟ ଜାତୀୟ ଦଳର ସ୍ପନସରଶିପ୍ ୩ ବର୍ଷ ଲାଗି ହାସଲ କରିଥିଲା। ଆଇପିଏଲ୍ରେ ଡ୍ରିମ-୧୧ ଭଲ ଅର୍ଥ ରୋଜଗାର କରୁଥିଲା।

## ୱାଇଜିଟିଟିଏ ରାଜ୍ୟ ମାନ୍ୟତା ଟିଟି

# ନେହା, ସାର୍ଥକ ବିଜେତା



କଟକ, ୨୫।୮ : ବିଜୁ ପଟ୍ଟନାୟକ ଇନ୍ଡୋର୍ ହଲ୍ରେ ଚାଲିଥିବା ୩୦ତମ ।ଇଜିଟିଟିଏ ରାଜ୍ୟ ଓପନ ମାନ୍ୟତା ଟ୍ବେଲ ଟେନିସ୍ (ଟିଟି) ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଛି ମହିଳା ଏକକ ବର୍ଗରେ ରେଳବାଇର ନେହା କୁମାରୀ ବିଜେତା ଓ ଭୁବନେଶ୍ୱର ଟିଟିଏର ଶ୍ୱେତପଦ୍ମା ଦଳାଇ ଉପବିଜେତା ହୋଇଛନ୍ତି ପୁରୁଷ ଏକକରେ କଟକର ସାର୍ଥକ ଆର୍ଯ୍ୟ ବିଜେତା ଏବଂ ଶୁଭେନ୍ଦୁ ସ ଉପବିଜେତା ହୋଇଛନ୍ତି।

ବିଭିନ୍ନ ବୟସ ବର୍ଗରେ ଗାୟତ୍ରୀ ପଟ୍ଟନାୟକ, ଅନ୍ଭି ସୁଦୀପ କୁମାରୀ, ରୁଦ୍ର ରଣବୀର ଓ ସ୍ୱସ୍ତିକ୍ ସିଂହ, ଶ୍ୱେତା ବର୍ମା ଓ ଆରାଧ୍ୟା ସାହୁ, ଅଭିଷେକ ଦାସ ଓ କେ. ଶିବଶଙ୍କର, ଜିଜ୍ଞାସୁ ସାଇକିରଣ ପ୍ରଧାନ ଓ ସୟଦ ଅର୍ଶ ଅଲ୍ଲୀ, ଉର୍ଜା ବର୍ମା ଓ ଶ୍ୱେତା ବର୍ମା, ବାଳକରେ ଜିଜ୍ଞାସୁ ସାହୁ ଓ ଜିଜ୍ଞାସୁ ସାଇକିରଣ ପ୍ରଧାନ, ଶ୍ୱେତପଦ୍ମା ଦଳାଇ ଓ ସାକ୍ଷୀ ଭଗତ ଏବଂ ସାର୍ଥକ ଆର୍ଯ୍ୟ ଓ ଜିଜ୍ଞାଶୁ ସାହୁ ଶୀର୍ଷ ଦୁଇ ସ୍ଥାନ ଦଖଲ କରି ପୁରସ୍କୃତ ହୋଇଛନ୍ତି ।ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ସ ସଂଘ ସମ୍ପାଦକ ଅଭିଜିତ ପାଲ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ରପରିଡ଼ା, ଅବଦୁଲ ହିଦ, ନିହାର ରଞ୍ଜନ ମିଶ୍ର ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜୀବନବଲ୍ଲଭ ସାମଲ, ତପନ ଖା, ବିଜନ ଦାସ ମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍ଏନ୍ ମୂର୍ତ୍ତି, କେଭିପି ରାମାରାଓ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସଡ଼କ ଦୁର୍ଘଟଣାରେ କ୍ରିକେଟରଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୫।୮ : ଜମ୍ମୁ କଶ୍ମୀରର ଜଣେ ସ୍ଥାନୀୟ କ୍ରିକେଟରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଜମ୍ମୁ କଶ୍ମୀରର ପୁଞ୍ଚ ଜିଲ୍ଲାରେ ରହୁଥିବା ସ୍ଥାନୀୟ କ୍ରିକେଟର ଫରିଦ ହୁସେନଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଘଟଣାଟି ଅଗଷ୍ଟ ୨୦ରେ ଯେତେବେଳେ ଫରିଦ ରାସ୍ତାରେ ଯାଉଥିଲେ। କିନ୍ତୁ ଅନ୍ୟ କାହାର ଅବହେଳା ଯୋଗୁଁ ତାଙ୍କୁ ଜୀବନ ହରାଇବାକୁ ପଡିଲା। ଫରିଦ ତାଙ୍କ ବାଇକ୍ରେ ଯାଉଥିଲେ ସେ ଏକ କାର ପାଖ ଦେଇ ଯାଉଥିଲେ, ଯେତେବେଳେ କାର ଡ୍ରାଇଭର କାରର ଗେଟ୍ ଖୋଲିଦେଲେ ଏବଂ ଫରିଦ ତା' ସହିତ ଧକ୍କା ଦେଲେ। ଧକ୍କା ପରେ ତୁରନ୍ତ ଫରିଦ କାର ସହିତ କିଛି ଦୂର ଯାଇ ସାଇଡ୍ ଉପରେ ପଡ଼ିଗଲେ ସେ ଗୁରୁତର ଆହତ ହୋଇଥିଲେ। ଏବଂ ପରେ ମୃତ୍ୟୁବରଣ କରିଥିଲେ। ପାଖରେ ଥିବା ଲୋକମାନେ ତାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନେ ଫରିଦଙ୍କ ଜୀବନ ବଞ୍ଚାଇ ପାରିଲେ ନାହିଁ ।

# ସମସ୍ତେ ନିଜ ସୀମା ଭିତରେ ରହିଲେ ଭଲ : ଆକ୍ରମ

ନୂଆଦିଲ୍ଲୀ, ୨୫।୮ : ଏସିଆ କପ୍ ୨୦୨୫ ପାଇଁ ଭାରତ ଏବଂ ପାକିସ୍ତାନ ନିଜ ନିଜର ଦଳ ଘୋଷଣା କରିସାରିଛନ୍ତି ।ଭାରତ ଏବଂ ପାକିସ୍ତାନ ଗୋଟିଏ ଗ୍ରୁପରେ ଥିବା ଦେଖାଯାଇଛି। ସେମାନଙ୍କ ସହିତ ଓମାନ ଏବଂ ୟୁଏଇ ଗ୍ରୁପ 'ଏ'ରେ ଥିବା ସାମ୍ନାକୁ ଆସିଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ, ସବୁଠାରୁ ପ୍ରତୀକ୍ଷିତ ମ୍ୟାଚ୍ ହେଉଛି ଭାରତ ବନାମ ପାକିସ୍ତାନ। ଏହି ଉତ୍ସାହପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ, ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ୱସିମ ଅକ୍ରମ ପ୍ରଶଂସକ ଏବଂ କ୍ରିକେଟରଙ୍କୁ ଏକ ଭାବପ୍ରବଣ ନିବେଦନ କରିଛନ୍ତି।

ଯେତେବେଳେ ଭାରତ ଏବଂ ପାକିସ୍ତାନର କ୍ରିକେଟ ଦଳ ପଡ଼ିଆରେ ମୁହାଁମୁହିଁ ହୁଅନ୍ତି, ସେତେବେଳେ ଉତ୍ସାହ ଶୀର୍ଷରେ ଥାଏ। ପଡ଼ିଆରୁ ଲୋକଙ୍କ ଘର ପର୍ଯ୍ୟନ୍ତ ପରିବେଶ ଭିନ୍ନ ହୋଇଯାଏ । ଏହାକୁ ନଜରରେ ରଖି ୱସିମ ଅକ୍ରମ ଉଭୟ ଦଳର ଖେଳାଳି ଏବଂ ପ୍ରଶଂସକଙ୍କୁ ସେମାନଙ୍କର ଭାବନାକୁ ନିୟନ୍ତ୍ରଣ କରିବାକୁ ନିବେଦନ କରିଛନ୍ତି।

ଟେଲିକମ୍ ଏସିଆ ସ୍ପୋର୍ଟସ୍କୁ ସାକ୍ଷାତକାର ଦେଇ ୱସିମ୍ ଅକ୍ରମ କହିଛନ୍ତି ଯେ, ମୁଁ ନିଶ୍ଚିତ ଯେ, ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଅନ୍ୟ ମ୍ୟାଚ୍ ପରି ଉତ୍ସାହପୂର୍ଣ୍ଣ ହେବ। ମୁଁ ନିଶ୍ଚିତ ଯେ, ଉଭୟ ଦଳର



ଖେଳାଳି ଏବଂ ପ୍ରଶଂସକମାନେ ସେମାନଙ୍କର ସୀମା ମଧ୍ୟରେ ରହିବେ। ଦୁଇ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆକ୍ରମ ଏହା କହିଛନ୍ତି।

ଆକ୍ରମ ଆହୁରି କହିଛନ୍ତି, ଭାରତ ବନାମ ପାକିସ୍ତାନ ମ୍ୟାଚ୍ ସାରା ବିଶ୍ବର କୋଟି କୋଟି ଲୋକ ଦେଖନ୍ତି। ମୁଁ ଚାହେଁ ଯେ ଖେଳାଳି ଏବଂ ଦର୍ଶକ ମ୍ୟାଚ୍ ସମୟରେ ଶୃଙ୍ଖଳା ପ୍ରଦର୍ଶନ କରନ୍ତୁ ଅକ୍ରମ ସ୍ୱୀକାର କରିଛନ୍ତି ଯେ, ଭାରତୀୟ ଦଳ ବର୍ତ୍ତମାନ ଶକ୍ତିଶାଳୀ ଏବଂ ସେ ଟିମ୍ ଇଣ୍ଡିଆକୁ ଏସିଆ କପ୍ ଟାଇଟଲ୍ ପାଇଁ ଏକ ଦୃଢ଼ ଦାବିଦାର ବୋଲି ବିବେଚନା କରିଛନ୍ତି।

ଏସିଆ କପ୍ ପାଇଁ ପାକିସ୍ତାନ ଦଳରେ ବାବର ଆଜମ ଏବଂ ମହମ୍ମଦ ରିଜାନଙ୍କୁ ସ୍ଥାନ ମିଳିନାହିଁ ପାକିସ୍ତାନ ଟିମ୍କୁ ବାବରଙ୍କ ଅନୁପସ୍ଥିତି ଅନୁଭବ ହେବ ବୋଲି ଅକ୍ରମ କହିଛନ୍ତି ସେ କହିଛନ୍ତି, ବ୍ୟକ୍ତିଗତ ଭାବରେ, ମୁଁ ବାବରଙ୍କୁ ଦଳରେ ଦେଖିବାକୁ ଚାହୁଁଥିଲି କିନ୍ତୁ ତାଙ୍କୁ ଚୟନ କରାଯାଇ ନଥିଲା ଏବେ ଦଳରେ ମନୋନୀତ ଖେଳାଳିମାନଙ୍କୁ ଆଗକୁ ବଢ଼ି ଭଲ ପ୍ରଦର୍ଶନ କରିବାକୁ ପଡିବ।

ଉଲ୍ଲେଖଯୋଗ୍ୟ, ଏସିଆ କପ୍ ୨୦୨୫ରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ସେପ୍ଟେମ୍ବର ୧୪ରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଉଭୟଙ୍କ ମଧ୍ୟରେ ମୋଟ ୩ଟି ମ୍ୟାଚ୍ ଖେଳାଯାଇପାରେ ଗୋଟିଏ ମ୍ୟାଚ୍ ସ୍ଥିର ଏବଂ ଯଦି ଉଭୟ ସୁପର ୪ରେ ପହଞ୍ଚିଯାଆନ୍ତି। ତେବେ ୨ ଏବଂ ଯଦି ଉଭୟ ଫାଇନାଲରେ ପହଞ୍ଚିଯାଆନ୍ତି ତେବେ ପ୍ରଶଂସକ ୧୫ଦିନ ମଧ୍ୟରେ ୩ଥର ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଦେଖିବାକୁ ପାଇବେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ